# ହାଇସ୍କୁଲ ଶତବାର୍ଷିକୀରେ ଯୋଗଦେବେ ରାଜ୍ୟପାଳ

**ରାଜକନିକା,୧୪।୧(ଡି.ଏନ୍.ଏ)–** ରାଜକନିକା ବ୍ଲକର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ଆର୍.ଏନ୍. ହାଇସ୍କୁଲର ଶତବାର୍ଷିକୀ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏନେଇ ବିଦ୍ୟାଳୟ ଶତବାର୍ଷିକ ଉତ୍ସବ ପାଳନ କମିଟି ତରଫରୁ ସୋମବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ୨ଦିନ ଧରି ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ଜାନୁୟାରୀ ୧୬ରୁ ଆରମ୍ଭ ହେବ। କାର୍ଯ୍ୟକ୍ରମରେ ରାଜ୍ୟସଭା ସଦସ୍ୟ ପ୍ରତାପ ଦେବ ଏବଂ ବିଧାୟକ ଦେବେନ୍ଦ୍ର ଶର୍ମା ଯୋଗଦେଉଥିବା ବେଳେ ରାଜ୍ୟପାଳ ଉତ୍ସବକୁ ଉଦ୍‌ଘାଟନ କରିବେ। ଏଥିଲାଗି ଆୟୋଜିତ ଖବରଦାତା ସମ୍ମିଳନୀରେ ଶତବାର୍ଷିକ ଉତ୍ସବ କମିଟିର ସଭାପତି ବଂଶୀଧର ରାଉତ, ସମ୍ପାଦକ ବିଶ୍ୱନାଥ ବଳ, ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ବେହେରା ଓ ପ୍ରଶାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ୫୨ ଟଙ୍କାରେ ରାତ୍ରି ଅନିଦ୍ରା

**କେନ୍ଦ୍ରାପଡା ଅଫିସ,୧୪।୧**

**ଆଇସିଡିଏସ୍ ବିଭାଗ**
- ୨୦୦୪ ରୁ ବୃଦ୍ଧି ପାଇନାହିଁ ଦୈନିକ ମଜୁରି
- ଟ୍ରିବ୍ୟୁନାଲରେ ଅପିଲ ପରେ ବଢ଼ିଥିଲା ମଜୁରି
- ତତ୍କାଳୀନ ଏସ୍‌ଡିଏମଙ୍କ ନିର୍ଦ୍ଦେଶକୁ ମାନୁନାହାନ୍ତି ବିଭାଗୀୟ ଅଧିକାରୀ
- ଅଳ୍ପ ଟଙ୍କାରେ ୧୨ ଘଣ୍ଟା ଖଟୁଛନ୍ତି ରାତ୍ରି ଜଗୁଆଳି

୨୦୧୬ ଅଗଷ୍ଟରେ ରାଜ୍ୟ ସରକାର ସାଧାରଣ ଦୈନିକ ମଜୁରିକୁ ୨୮୦ ଟଙ୍କା କରିଛନ୍ତି । ୮ ଘଣ୍ଟା କର୍ମ ନିୟୋଜନରେ ରହିଲେ ଏହି ଅର୍ଥ ମିଳିବ ବୋଲି ଘୋଷଣା କରିଛନ୍ତି । ତେବେ କେନ୍ଦ୍ରାପଡ଼ା ଜିଲାର ଆଇସିଡ଼ିଏସ୍(ସମନ୍ୱିତ ଶିଶୁ ବିକାଶ ସେବା) ବିଭାଗରେ ଏହି ନିୟମକୁ ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହୋଇଛି । ଏଠାକାର ଚୁକ୍ତିବଦ୍ଧ ରାତ୍ର ଜଗୁଆଳି ତଥା ପିଅନ ଦୈନିକ ୧୨ରୁ ୧୭ ଘଣ୍ଟା ଖଟୁଥିଲେ ମଧ୍ୟ ମଜୁରୀ ବାବଦରେ ମାତ୍ର ୫୨ଟଙ୍କା ୫୦ ପଇସା ମିଳୁଛି । ୨୦୦୪ ମସିହାରୁ ଏହି ମଜୁରି ବୃଦ୍ଧି ପାଇ ନଥିବା ଅଭିଯୋଗ ହୋଇଛି। ଏହା ପୂର୍ବରୁ ମଜୁରୀ ବାବଦରେ ଦୈନିକ କେବଳ ୧୧ ଟଙ୍କା ମିଳୁଥିଲା।

ଏ ସମ୍ପର୍କରେ ଜିଲା ମହିଳା ଓ ଶିଶୁ ବିକାଶ ସେବା ବିଭାଗର ଜଣେ ଅଧିକାରୀ କୁହନ୍ତି, ବିଭାଗୀୟ ଅଧିକାରୀଙ୍କ ଅସହଯୋଗିତା କାରଣରୁ ଏହି ତଳ ଶ୍ରେଣୀର କର୍ମଚାରୀମାନେ ଏପରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ଏ ସମ୍ପର୍କରେ ଡେରାବିଶ ବ୍ଲକ ଆଇସିଡ଼ିଏସ୍‌ର ଚୁକ୍ତିବଦ୍ଧ ରାତ୍ର ଜଗୁଆଳି ତଥା ପିଅନ ଭିକାରୀ ଚରଣ ସ୍ୱାଇଁ,କେନ୍ଦ୍ରାପଡ଼ା ଆଇସିଡ଼ିଏସ୍‌ର ରଞ୍ଜନ କୁମାର ସେଠୀ ଓ ଗରଦପୁର ଆସିଡ଼ିଏସର ଦେବେନ୍ଦ୍ର କୁମାର ଲେଙ୍କା କୁହନ୍ତି, ସେମାନେ ଦୀର୍ଘ ବର୍ଷ ଧରି ରାତ୍ର ଜଗୁଆଳି ଭାବେ କାର୍ଯ୍ୟ କରି ଆସୁଛନ୍ତି । ୨୦୦୪ ମସିହା ପୂର୍ବରୁ ମାତ୍ର ୧୧ ଟଙ୍କା ଦୈନିକ ମଜୁରି ମିଳୁଥିଲା। ଏନେଇ ରାଜନଗରର ଅନନ୍ତ କୁମାର ସାହୁ ପ୍ରଶାସନିକ ଟ୍ରିବ୍ୟୁନାଲରେ ଅପିଲ କରିବା ପରେ ଦୈନିକ ମଜୁରି ୫୨ଟଙ୍କା ୫୦ ପଇସାକୁ ବୃଦ୍ଧି ପାଇଛି । ଏହି ଅପିଲ ଫଳରେ ତାଙ୍କୁ ସ୍ଥାୟୀ ନିଯୁକ୍ତି ମିଳିଛି। ମାତ୍ର ସେହି ଦିନରୁ ଅଦ୍ୟାବଧି ପୁନର୍ବାର ମଜୁରି ବୃଦ୍ଧି କରାଯାଇନାହିଁ। ଏନେଇ ୨୦୧୪ ମସିହାରେ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଅପିଲ କରାଯାଇଥିଲା । ଏହାପରେ ତତ୍କାଳୀନ ଏସ୍‌ଡିଏମ ତଥା ଉପଜିଲାପାଳ ଦୈନିକ ମଜୁରି ଅର୍ଥ ୧୫୦ ଟଙ୍କାକୁ ବୃଦ୍ଧି କରିବା ପାଇଁ ଡିଏସ୍‌ଡବ୍ଲ୍ୟୁଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପରିକି ସରକାରୀ ଧାର୍ଯ୍ୟ ଦରରେ ମଜୁରି ଅର୍ଥ ଦେବା ପାଇଁ ସେ ଉକ୍ତ ବିଭାଗୀର ଅଧିକାରୀଙ୍କ ନିକଟକୁ ପତ୍ର ଲେଖିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଅଦ୍ୟାବଧି ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇ ନ ଥିବାରୁ ରାତ୍ର ଜଗୁଆଳିମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଏନେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ରାଜ୍ୟର ୩୧୪ ବ୍ଲକରେ ୬୫ ରାତ୍ର ଜଗୁଆଳି ରହିଥିବା ସୂଚନା ମିଳିଛି।

# ଶ୍ରୀଗୋପୀନାଥଜୀଉ ପୀଠରେ ୬୪ ବ୍ୟଞ୍ଜନ

**କେନ୍ଦ୍ରାପଡା ଅଫିସ,୧୪।୧**


ମନ୍ଦିରରେ ଲାଗିହୋଇଥିବା ବିଭିନ୍ନ ପ୍ରକାର ବ୍ୟଞ୍ଜନ।

ମକର ସଂକ୍ରାନ୍ତି ଅବସରରେ କେନ୍ଦ୍ରାପଡା ବ୍ଲକ ଚଉଦକୁଲାଟସ୍ଥିତ ଶ୍ରୀ ଗୋପୀନାଥଜୀଉଙ୍କ ପୀଠରେ ସୋମବାର ୬୪ ପ୍ରକାର ବ୍ୟଞ୍ଜନ ଲାଗି ହୋଇଛି । ମନ୍ଦିରର ପ୍ରଥା ଅନୁଯାୟୀ ପ୍ରତ୍ୟୁଷରେ ବେଢ଼ା ଶୋଧନ ହୋଇଥିଲା। ପରେ ରୀତିନୀତି ଅନୁଯାୟୀ ସ୍ନାନ, ମଇଲମ ସହ ଆଳତି ସମ୍ପର୍ଣ୍ଣ ହୋଇଥିଲା । ଏହି ଅବସରରେ ନିକଟସ୍ଥ ଶ୍ରୀରାଧାକାନ୍ତ ମନ୍ଦିରରୁ ଶ୍ରୀ ଗୋପୀନାଥଜୀଉଙ୍କ ଝିଅ ଜ୍ୱାଇଁ (ରାଧାକୃଷ୍ଣ)ଙ୍କୁ ଏକ ବିମାନ ଯୋଗେ ଅଣାଯାଇ ଭେଟଭାଟ ହୋଇଥିଲା। ଏହାପରେ ବ୍ୟଞ୍ଜନ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ଅନ୍ନ, ମହୁର, ଶାକର, ଖିରୀ ଓ ମାଲପୁଆ ଆଦି ମିଷ୍ଟାନ୍ନ ଦ୍ରବ୍ୟ ଏଥିରେ ସାମିଲ ହୋଇଥିଲା । ମନ୍ଦିର ବେଢ଼ାରେ ଭକ୍ତମାନେ ଭଜନ ଓ କୀର୍ତ୍ତନ କରି ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲେ। କାର୍ଯ୍ୟକ୍ରମକୁ ମୁଖ୍ୟପୂଜକ ବାବାଜି ମିଶ୍ରଙ୍କ ସମେତ ଭଗବାନ ମହାନ୍ତି, ନିମାଇଁ ଚରଣ ମହାନ୍ତି, ବଙ୍କିମ ମହାନ୍ତି, ଉମେଶ ଚନ୍ଦ୍ର ମହାନ୍ତି ଓ ପ୍ରକାଶ ଚନ୍ଦ୍ର ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

## ଏସ୍.ଇ. ରେଳପଥ ଟେଣ୍ଡର

ଟେଣ୍ଡର ବିଜ୍ଞପ୍ତି ନଂ.: (୧) ଏସ୍‌ଇଆର୍‌ସିଓଏନ୍-ଜିଆର୍‌ସି-ସିଇ-ସି-୦୧-୯୪-୧୮; (୨) ଏସ୍‌ଇଆର୍‌ସିଓଏନ୍-ଜିଆର୍‌ସି-ସିଇ-ସି-ଏସ୍‌ଓ-୧୦୬-୧୮; (୩) ଏସ୍‌ଇଆର୍‌ସିଓଏନ୍-ଜିଆର୍‌ସି-ସିଇ-ସି-II-୧୧୫-୧୮ ଏବଂ (୪) ଏସ୍‌ଇଆର୍‌ସିଓଏନ୍-ଜିଆର୍‌ସି-ସିଇ-ସି-ଏଚ୍‌କ୍ୟୁ-୮୪-୧୮। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଚିଫ୍ ଇଞ୍ଜିନିୟର୍ (ସିଓଏନ୍)/I/ ଜିଆର୍‌ସି, ଦକ୍ଷିଣ ପୂର୍ବ ରେଳପଥଙ୍କ ଦ୍ୱାରା ଇ–ଟେଣ୍ଡର ଆହ୍ୱାନ କରାଯାଉଛି, ଯାହା ୱେବ୍‌ସାଇଟ୍ **www.ireps.gov.in**ରେ ଅପ୍‌ଲୋଡ୍ କରାଯାଇଛି। ଟେଣ୍ଡର ଧାର୍ଯ୍ୟ ତାରିଖ ଦିନ ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ। **କ୍ର.ସଂ., କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା, ଧାର୍ଯ୍ୟ ତାରିଖ, ଆନୁମାନିକ ମୂଲ୍ୟ, ଇଏମ୍‌ଡି, ସମାପ୍ତି ଅବଧି** ନିମ୍ନ ଅନୁଯାୟୀ ହେବ: (୧) ହାଟିଆ–ବଣ୍ଡମୁଣ୍ଡା ସେକ୍ସନ ମଧ୍ୟରେ ଡବ୍‌ଲିଂ କାର୍ଯ୍ୟ– ମାଟିକାମ, ଛୋଟ ସେତୁ, ପି.ୱେ. ଲିଙ୍କିଙ୍ଗ୍, ଟ୍ରାକ୍ ବାଲାଷ୍ଟ ଯୋଗାଣ ଇତ୍ୟାଦି ଏକ୍ସ କଣରୋଆଁ ଏବଂ ଏକ୍ସ ତାତି ଷ୍ଟେଶନ ମଧ୍ୟରେ କିମି: ୫୨୬ରୁ କିମି: ୫୩୮ ପର୍ଯ୍ୟନ୍ତ, ୦୭।୦୨।୨୦୧୯, ₹୧୦୩.୫୧ କୋଟି, ₹୫୩,୨୫,୩୦୦/–, ୨୪ ମାସ; (୨) ଦକ୍ଷିଣ ପୂର୍ବ ରେଳପଥର ନିର୍ମାଣ ପ୍ରକଳ୍ପଗୁଡ଼ିକ ପାଇଁ ପାକୁର୍ ଖାଦାନ (ପାକୁର ନିମନ୍ତେ) ଠାରେ ୧୨୩୦୦୦ ସିୟୁଏମ୍ ୫୦ ମିମି ଟ୍ରାକ୍ ବାଲାଷ୍ଟର ଯୋଗାଣ ଏବଂ ଯେକୌଣସି ପ୍ରକାରର ରେଳ ୱାଗନ୍/ ହପର୍‌ରେ ଲୋଡିଂ, ୦୮।୦୨।୨୦୧୯, ₹୧୦.୭୨ କୋଟି, ₹୬,୮୬,୧୦୦/–, ୨୪ ମାସ; (୩) ରାଉରକେଲା–ଝାରସୁଗୁଡ଼ା ୩ୟ ଲାଇନ୍ କାର୍ଯ୍ୟ – ସୋଗ୍ରା ଓ ଝାରସୁଗୁଡ଼ା ମଧ୍ୟରେ ଟ୍ରାକ୍ ବାଲାଷ୍ଟ ଯୋଗାଣ କରିବା ଓ ବିଛାଇବା, ୦୮।୦୨।୨୦୧୯, ₹୧୦.୪ କୋଟି, ₹୬,୬୮,୭୦୦/–, ୬ ମାସ; (୪) ଖଡ଼ଗପୁର ଏବଂ ନାରାୟଣଗଡ଼ ଷ୍ଟେଶନ ମଧ୍ୟରେ ୩ୟ ଲାଇନ୍ – ଖଡ଼ଗପୁରରୁ ହିଜ୍‌ଲି ପର୍ଯ୍ୟନ୍ତ ମାଟିକାମ, ଛୋଟ ସେତୁ, ସଡ଼କ ଓଭର ବ୍ରିଜ୍ କାର୍ଯ୍ୟ ନିର୍ବାହ, ପି.ୱେ. ସାମଗ୍ରୀର ପରିବହନ, ବାଲାଷ୍ଟ ଯୋଗାଣ, ଟ୍ରାକ୍ ଲିଙ୍କିଙ୍ଗ୍ ଇତ୍ୟାଦି, ୧୧।୦୨।୨୦୧୯, ₹୪୦.୭୫ କୋଟି, ₹୨୧,୮୭,୭୦୦/–, ୧୮ ମାସ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ସ୍ୱତନ୍ତ୍ରତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡର୍‌ମାନେ ନିୟମିତ www.ireps.gov.in ପରିଦର୍ଶନ କରିବା ଆବଶ୍ୟକ।** PR-1001

# ଶ୍ରୀ ବଳଦେବଜୀଉ ମନ୍ଦିରରେ ମକରସଂକ୍ରାନ୍ତି

**କେନ୍ଦ୍ରାପଡା ଅଫିସ,୧୪।୧**

ତୁଳସୀ କ୍ଷେତ୍ରାଧିପତି ଶ୍ରୀ ବଳଦେବଜୀଉଙ୍କ ମନ୍ଦିରରେ ସୋମବାର ମକର ସଂକ୍ରାନ୍ତି ଉତ୍ସବ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ଏଥିସହ ସହର ଓ ଗ୍ରାମାଞ୍ଚଳର ବିଭିନ୍ନ ଦେବଦେବୀଙ୍କ ପୀଠରେ ମକର ଚାଉଳ ଓ ପୋଡପିଠା ଭୋଗଲାଗି ହୋଇଛି। ଏହି ଉପଲକ୍ଷେ ରବିବାର ସନ୍ଧ୍ୟାରେ ଶ୍ରୀଜୀଉ ମନ୍ଦିରରେ ସ୍ୱତନ୍ତ୍ର ନୀତି ନବାଙ୍କ ବେଢ଼ା ପରିକ୍ରମା ଅନୁଷ୍ଠିତ ହୋଇଥିଲା । ମା'ଲକ୍ଷ୍ମୀ ବାପ ଘରୁ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବାପରେ ସ୍ୱତନ୍ତ୍ର ନୀତି କରାଯାଇ ଗୃହ ପ୍ରବେଶ କରାଯାଇଥିଲା। ସୋମବାର ପ୍ରତ୍ୟୁଷରୁ ମହାପ୍ରଭୁଙ୍କ ପହଡ଼ ଫିଟାଯାଇ ମଙ୍ଗଳ ଆଳତି ହୋଇଥିଲା । ଶ୍ରୀଜୀଉଙ୍କ ନିତିସ୍ନାନ ପରେ ଗୋପାଳ ବଲ୍ଲଭ ନୀତି ଓ ପରେ ଖେଚୁଡ଼ି ଧୂପ ଲାଗି ହୋଇଥିଲା । ଅପରାହ୍ନରେ ମହାପ୍ରଭୁଙ୍କୁ ରୁପାଥାଳିରେ ୪ ସେବାୟତ ସାହିର ପ୍ରମୁଖ ସେବାୟତ ନିଶଙ୍କୁଡ଼ି ମକର ୮୪ ପ୍ରକାର ଭୋଗ ମସ୍ତକରେ ଧରି ବେଢ଼ା ପରିକ୍ରମା କରିଥିଲେ । ପରେ ଏହି ଭୋଗକୁ ଶ୍ରୀଜୀଉଙ୍କୁ ଅର୍ପଣ କରାଯାଇଥିଲା। ସନ୍ଧ୍ୟାରେ ପୂର୍ବପ୍ରସ୍ତୁତ ୮୪ ପ୍ରକାର ସଙ୍କୁଡ଼ି ଭୋଗ ଠାକୁରଙ୍କ ନିକଟରେ ଲାଗି ହୋଇଥିଲା। ଏହା ଦେଖିବାକୁ ରଥଦାଣ୍ଡରେ ୧୫ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ସେହିପରି ସହରର ସାନ୍ତସାହିରେ ଆଖଣ୍ଡଳମଣି ବାବାଙ୍କ ଷଷ୍ଠତମ ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି।


ମକର ସଂକ୍ରାନ୍ତି ପାଇଁ ଶ୍ରୀ ବଳଦେବଜୀଉଙ୍କ ସ୍ୱତନ୍ତ୍ର ବେଶ।

**୧୫,୦୦୦ରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ**




# ପାରମ୍ପରିକ ନୃତ୍ୟ ସଂଗୀତରେ ଝୁମିଲେ ଆଦିବାସୀ

**ମହାକାଳପଡା,୧୪।୧(ଡି.ଏନ୍.ଏ.)**


ଆଦିବାସୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ମହାକାଳପଡା ବ୍ଲକର ଆଦିବାସୀ ସମ୍ପ୍ରଦାୟରେ ମକରସଂକ୍ରାନ୍ତି ପର୍ବ ସୋମବାର ଜାକଜମକରେ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ଲକ ଅନ୍ତର୍ଗତ ପେଟଛେଲା ପଞ୍ଚାୟତର ଲୁଣିମାଠିଆସ୍ଥିତ ଆଦିବାସୀପଡାରେ ଆଦିବାସୀମାନେ ପାରମ୍ପରିକ ନାଚଗୀତ ଝୁମିଥିଲେ। ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ଏଥିରେ ସାମିଲ ହୋଇଥିଲେ। ପରମ୍ପରା ଅନୁସାରେ ପ୍ରତ୍ୟୁଷରେ ଆଦିବାସୀମାନେ ମିଳିତ ହୋଇ ଗ୍ରାମର ପୂଜକଙ୍କ ଘରକୁ ଯାଇଥିଲେ। ସେମାନେ ପୂଜକଙ୍କୁ କାନ୍ଧରେ ବସାଇ, ନୃତ୍ୟ, ସଂଗୀତ ଓ ବାଦ୍ୟ ବଜାଇ ନିକଟସ୍ଥ ତୁଠକୁ ନେଇଥିଲେ। ସେଠାରେ ସମସ୍ତେ ସ୍ନାନ କରି ନୂତନ ବସ୍ତ୍ର ପରିଧାନ କରି ଘରକୁ ଫେରି ପିଠାପଣା ଖାଇଥିଲେ। ଅପରାହ୍ନରେ ଏକ କଦଳୀ ପୂଆ ନିକଟରେ ଧୂପ ଦୀପ, ହାଣ୍ଡିଆ(ପଣା) କରି ପ୍ରସାଦ ସେବନ କରିଥିଲେ। ଏହାପରେ ଉଭୟ ମହିଳା ଓ ପୁରଷଙ୍କ ମଧ୍ୟରେ ତୀର ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତଯୋଗିତା ଶେଷ ହେବା ପରେ ମହିଳା ଓ ପୁରୁଷ ସଭିଏଁ ପରସ୍ପର ହାତ ଧରି ସଂଗୀତ ନୃତ୍ୟ ଆଦି ପରିବେଷଣ କରିଥିଲେ। ଏହି ପର୍ବ ପାଇଁ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଥିବା ଆଦିବାସୀ ଲୋକେ ଘରକୁ ଫେରିଛନ୍ତି। ବ୍ଲକର ସିଂପଡା, ବାଘୁଆ ମେଦ, ଜମ୍ବୁ, ସୁନିତି, ବାର ନମ୍ବର, ପନ୍ଦରମାଇଲି, ଶବରପଡା, ଓ ପାଣିଖିଆ ଆଦି ସ୍ଥାନରେ ବସବାସ କରୁଥିବା ଆଦିବାସୀଙ୍କ ମଧ୍ୟରେ ଏହି ପର୍ବ ଧୁମ୍‌ଧାମ୍ ପାଳିତ ହୋଇଛି।





CLASSIFIED DISPLAY













**MORE SPACE • SAME PRICE**
**CLASSIFIED DISPLAY**
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

**For Booking Contact:**
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168 5% GST Applicable





ବଳ ପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
- ଆଇନଷ୍ଟାଇନ୍

## ସଂକ୍ଷେପରେ

### ଇ-ବାଇକ୍ ଶୋ'ରୁମ ଉଦ୍‌ଘାଟିତ

ବିରଜାକ୍ଷେତ୍ର,୧୪।୧(ଡି.ଏନ୍.ଏ)- ଯାଜପୁର ସହରର ମାନସାପୋଲଠାରେ ଲକ୍ଷ୍ମୀନାରାୟଣ ଇ-ବାଇକ୍ ବିତରକଭାବେ ତାର ସୋ'ରୁମ୍ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପୂର୍ବତନ ପୌରପାଳ ଓ ପୂର୍ବତନ ଉପପୌରପାଳ ସନ୍ତୋଷ କୁମାର ମଲ୍ଲିକ ଯୋଗଦେଇ ଏହି ଶୋ'ରୁମକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଶ୍ୟାମସୁନ୍ଦର କର, ସୀତାଂଶୁ ପତି, ପ୍ରଦୀପ କୁମାର ସାମଲ, ବିଜୟ ସାମଲ, କେଶବ ରାଉତ, ବିଭୂତି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନ ପରେ ଇ-ବାଇକ୍‌ର ପ୍ରଥମେ କ୍ରେତାଭାବେ ସରୋଜ କୁମାର ସାହୁ ଓ ପ୍ରିୟଙ୍କା ଧଳ ଶୋ'ରୁମ୍‌ରୁ ବାଇକ୍ କ୍ରୟ କରିଥିଲେ। ଓଡ଼ିଶାରେ ଆମ୍ପାୟାର କମ୍ପାନୀ ତାର ବ୍ୟବସାୟିକ କାର୍ଯ୍ୟାଳୟ ପାଣିକୋଇଲିଠାରେ ଖୋଲିବା ପରେ ଯାଜପୁରଠାରେ ଶୋ'ରୁମ ଉଦ୍‌ଘାଟନ କରିଛି। ଏହି ଇ-ବାଇକ୍ ବିନା ତେଲ, ମୋବିଲ ଓ ବିନା ରେଜିଷ୍ଟ୍ରେଶନ୍ ଡ୍ରାଇଭିଂ ଲାଇସେନ୍ସରେ ଚାଳକ ବ୍ୟବହାର କରିପାରିବେ ବୋଲି ଇ-ବାଇକ୍ ପରିଚାଳକ ପରେଶ ମଲ୍ଲିକ ସୂଚନା ଦେଇଛନ୍ତି।

### ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

ବିରଜାକ୍ଷେତ୍ର,୧୪।୧(ଡି.ଏନ୍.ଏ)- ଯାଜପୁର ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୩ତମ ବାର୍ଷିକ ଉତ୍ସବ ଶନିବାର ବିଦ୍ୟାଳୟ ସଭାପତି ମୁରଲୀଧର ଜେନାଙ୍କ ସଭାପତିତ୍ୱରେ ମହାସମାରୋହରେ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପୌରପାଳ ଭବପ୍ରସାଦ ଦାସ ଯୋଗଦାନ କରି ସମାଜରେ ଶିଶୁମନ୍ଦିର ଶିକ୍ଷାର ଲୋକପ୍ରିୟତା ଓ ମୂଲ୍ୟବୋଧ ବିଷୟରେ ମାର୍ଗଦର୍ଶନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଉପପୌରପାଳ ସନ୍ତୋଷ କୁମାର ମଲ୍ଲିକ ଯୋଗଦେଇ ଶିଶୁ ମନ୍ଦିରରେ ଭାରତର ସଂସ୍କୃତି ଓ ପରମ୍ପରା ଶିକ୍ଷା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ସମ୍ପାଦିକା ପ୍ରତିଭା ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନାଚାର୍ଯ୍ୟ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହାପରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

### 'ଜବାବ ମାଗୁଛି ଓଡ଼ିଶା' କାର୍ଯ୍ୟକ୍ରମ

କୋରେଇ,୧୪।୧(ସ୍ୱ.ପ୍ର.)- କୋରେଇ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମୂଳାପାଳ ପଞ୍ଚାୟତ ରଣପାଳ ଗ୍ରାମର ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସୋମବାର 'ଜବାବ ମାଗୁଛି ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ରଥକୁ କୋରେଇର ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତି ଉଦ୍‌ଘାଟନ କରିଥିଲେ। ରାଜ୍ୟ ଭାଜପାର ନିର୍ଦ୍ଦେଶକ୍ରମେ ସାରା ରାଜ୍ୟରେ ୧୪୭ଟି ରଥ ବୁଲି ଜନସାଧାରଣଙ୍କୁ ପ୍ରଧାନମନ୍ତ୍ରୀଙ୍କ ବିକାଶମୂଳକ ଯୋଜନା ସମ୍ପର୍କରେ ଅବଗତ କରାଇଥିଲା। ରାଜ୍ୟ ସରକାରଙ୍କୁ ଜବାବ ମାଗିବା ପାଇଁ ୯୫୫୫୨୨୭୨୨୭ରେ ମିସ୍ କଲ୍ କଲେ ତୁରନ୍ତ ଫୋନ୍ ଆସିବ। ଫଳରେ ସରକାରଙ୍କୁ ଜବାବ ମାଗିପାରିବେ। ସମସ୍ତ କର୍ମକର୍ତ୍ତା ଏହି ନମ୍ବରକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ପୂର୍ବତନ ବିଧାୟିକା ମହାନ୍ତି ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ୫ଶହ କର୍ମକର୍ତ୍ତା ଯୋଗଦେଇଥିଲେ।

### ହିଙ୍ଗୁଳା ହାଇସ୍କୁଲର ବାର୍ଷିକ କ୍ରୀଡ଼ା

କୋରେଇ,୧୪।୧(ସ୍ୱ.ପ୍ର.)- ଲକ୍ଷ୍ମୀନଗରସ୍ଥିତ ପଞ୍ଚାୟତ ହିଙ୍ଗୁଳା ହାଇସ୍କୁଲର ବାର୍ଷିକ କ୍ରୀଡା ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସ୍ମିତିଲତା ଦାସ ଉତ୍ସବ ଉଦ୍‌ଘାଟନ କରିଥିଲେ। କ୍ରୀଡାଶିକ୍ଷକ ସୂର୍ଯ୍ୟମଣି ରାଉତଙ୍କ ପରିଚାଳନାରେ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗନେଇଥିଲେ। ଶିକ୍ଷକ ହଳଧର ପଣ୍ଡା, ଯଦୁନାଥ ତ୍ରିପାଠୀ, ଦେବପ୍ରକାଶ ସାହୁ, ଲକ୍ଷ୍ମୀଧର ପାଣିଗ୍ରାହୀ, ବିଜୟ କୁମାର ସାମଲ, ଓ ରାଘବ ସାହୁଙ୍କ ସମେତ ସ୍କୁଲର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

### ଯୋଗଶିକ୍ଷା ସମ୍ବନ୍ଧୀୟ ସଚେତନତା

ଜେନାପୁର ୧୪।୧ (ଡି.ଏନ୍.ଏ) ରାଷ୍ଟ୍ରୀୟ ଯୁବ ଦିବସ ତଥା ସ୍ୱାମୀ ବିବେକା ନନ୍ଦଙ୍କ ୧୫୬ତମ ଜୟନ୍ତୀ ପାଳନ ଉପଲକ୍ଷେ ରବିବାର ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଳରାମପୁରସ୍ଥିତ ମୁକୁନ୍ଦପାତ୍ର କନିଷ୍ଠ ମହାବିଦ୍ୟାଳୟ ଓ ଜେନାପୁର ମହାବିଦ୍ୟାଳୟ ପରିସରରେ ଯୋଗ ଶିକ୍ଷା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଗୁରୁ ତଥା ଯୁବଭାରତର ପତଞ୍ଜଳି ରାଜ୍ୟ ପ୍ରଭାରୀ ପୀତାମ୍ବର ସାହୁ ଯୋଗଦେଇଥିଲେ। ଯୁବଭାରତ ଯାଜପୁର ଜିଲାର ସଦସ୍ୟ ଅଶୋକ କୁମାର ଦାସ ଓ ବଟକୃଷ୍ଣ ସାହୁଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମରେ ୫ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏବଂ ମହାବିଦ୍ୟାଳୟର ଅଧ୍ୟାପିକା ଓ ଅଧ୍ୟାପକ ଯୋଗ ଦେଇଥିଲେ।

## ଘରୋଇକରଣ ନାମରେ ଦାୟିତ୍ୱ ଖସାଇବାକୁ ଉଦ୍ୟମ

# ଚୁକ୍ତି ବାତିଲ ପାଇଁ ତେଜିଲା ଦାବି

ଯାଜପୁର ଅଫିସ,୧୪।୧

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ଦାମୋଦରପୁରଠାରେ ପ୍ରତିଷ୍ଠା ହୋଇଥିବା ଏସିଆର ସର୍ବବୃହତ ବିହନ ଉତ୍ପାଦନ କେନ୍ଦ୍ରକୁ ଘରୋଇକରଣ କରାଯାଇଛି। ରାଜ୍ୟ ସରକାର ଗତ ୨୦୧୬ ଜୁଲାଇ ୨୩ରେ ନ୍ୟାସନାଲ ସିଡ୍‌ସ କର୍ପୋରେଶନ(ଏନଏସସି) ନିଗମ ଲିଃ ସହ ଚୁକ୍ତି କରି ଡାଲି ଓ ତୈଳବୀଜ ଫସଲ କରିବାକୁ ଚୁକ୍ତି କରିଛି। ଫଳରେ ଏହି ବିହନ କେନ୍ଦ୍ର ଉପରେ ନିର୍ଭର କରି ଦୈନନ୍ଦିନ ଗୁଜୁରାଣ ମେଣ୍ଟାଉଥିବା ପ୍ରାୟ ୬୦୦ ଶ୍ରମିକଙ୍କ ଜୀବିକା ଅନ୍ଧାର ଆଡକୁ ଠେଲି ଦିଆଯାଇଛି। ଘରୋଇକରଣ ନାମରେ ସମ୍ପୃକ୍ତ ଠିକାସଂସ୍ଥା ବିହନ ଫାର୍ମ ଦାୟିତ୍ୱରୁ ଖସିବାକୁ ଉଦ୍ୟମ କରୁଛି। ଏନେଇ ପୂର୍ବରୁ ବହୁବାର ଆନ୍ଦୋଳନ ହୋଇଥିଲେ ହେଁ କେହି କର୍ଣ୍ଣପାତ କରୁ ନାହାନ୍ତି। ତେଣୁ ଚୁକ୍ତି ବାତିଲ କରିବାକୁ ସୁକିନ୍ଦା ବିହନ ଫାର୍ମ ଦାବି କରିବା ସହିତ ଆଗାମୀ ଦିନରେ ଭୁବନେଶ୍ୱରରେ ଜନ ସତ୍ୟାଗ୍ରହ କରିବାକୁ ଚେତାବନୀ ଦେଇଛି । ସ୍ଥାନୀୟ ଲୋକ ପ୍ରତିନିଧି ଶ୍ରମିକଙ୍କ ସ୍ୱାର୍ଥକୁ ଅଣଦେଖା କରୁଥିବାରୁ ଆଗାମୀ ନିର୍ବାଚନରେ ଉଚିତ ଜବାବ ଦିଆଯିବ ବୋଲି ଶ୍ରମିକମାନେ ମତପ୍ରକାଶ କରୁଛନ୍ତି ।

ଏନ୍‌ଏସ୍‌ସି ସହ ଚୁକ୍ତି ହେଲା ପରେ ବିହନ ଫାର୍ମରେ ନିଜେ କାମ ନ କରି ବାହାର ରାଜ୍ୟର ଜଣେ ଠିକାଦାରଙ୍କୁ ନିୟୋଜିତ କରିଛି । ଫଳରେ ଦୀର୍ଘଦିନ ଧରି ନିୟୋଜିତ ଶ୍ରମିକମାନେ କାମ ନ ପାଇ ଭୋକ ଉପାସରେ କାଳାତିପାତ କରୁଛନ୍ତି । ଏନ୍‌ଏସ୍‌ସି ସହ ଚୁକ୍ତି ଅନୁଯାୟୀ ପର୍ଯ୍ୟାପ୍ତ ପରିମାଣର ଡାଲି ଓ ତୈଳବୀଜ ଫସଲ ନ କରି ପାରିବା ଦ୍ୱାରା ବିହନ ଫାର୍ମ ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବା ଶ୍ରମିକମାନେ ଘରେ ହାତବାନ୍ଧି ବସିଛନ୍ତି । ଅନ୍ୟପକ୍ଷେ ରାଜ୍ୟ ସରକାର ୧୦୮.୦୬ ହେକ୍ଟର ଚାଷ ଜମି ହସ୍ତାନ୍ତର ପାଇଁ ଚୁକ୍ତି କରିଥିବାବେଳେ ଏନଏସସି ବିନା ଚୁକ୍ତିରେ ବିହନ ଫାର୍ମ ଅଧିନରେ ଥିବା ଶାଳ ଜଙ୍ଗଲ,

**ସୁକିନ୍ଦା ବିହନ ଫାର୍ମ**
- ରାଜ୍ୟ କୃଷି ବିଭାଗ ସମ୍ମୁଖରେ ଆନ୍ଦୋଳନ ଚେତାବନୀ
- ଶ୍ରମିକଙ୍କ ସ୍ୱାର୍ଥକୁ ଲୋକ ପ୍ରତିନିଧିଙ୍କ ଅଣଦେଖା

ସମସ୍ତ କୋଠାବାଡି ଆଦି ଭିତ୍ତିଭୂମିକୁ ବଳ ପ୍ରୟୋଗ କରି ନିଜ କବଜାରେ ରଖିଛି। କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ହାତ କରି ଏନଏସସି ମନମୁଖୀ ନୀତି ଆପଣାଇ ସରକାରଙ୍କ ନିର୍ଦ୍ଧାରିତ ସର୍ବନିମ୍ନ ମଜୁରୀ ପ୍ରଦାନ କରୁନାହିଁ । ପୂର୍ବରୁ ରାଜ୍ୟ ସରକାର ଶ୍ରମିକଙ୍କ ନାମ ମଷ୍ଟରରୋଲରେ ପଞ୍ଜୀକୃତ କରି ଶ୍ରମିକଙ୍କୁ ପିଏଫ, ଇପିଏଫ ପ୍ରଦାନ କରି ଆସୁଥିବାବେଳେ ଏନଏସସି କର୍ତ୍ତୃପକ୍ଷ ଏସବୁକୁ କାର୍ଯ୍ୟକାରୀ କରୁନାହାନ୍ତି। ଶ୍ରମିକମାନେ ନିୟମିତ ଭାବେ କାମ ଯୋଗାଇ ଦେବାକୁ ଦାବି କରିବାରୁ ବିଗତ ୨ବର୍ଷ ମଧ୍ୟରେ ଶ୍ରମିକ ନେତୃବର୍ଗଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରି ଭୟ ସୃଷ୍ଟି କରି ଆସୁଛି। ଚାଷୀଙ୍କୁ ଉନ୍ନତମାନର ବିହନ ଯୋଗାଇ ଦେବାକୁ ସରକାର ୧୯୪୮ ମସିହାରେ ସୁକିନ୍ଦା ବିହନ ଫାର୍ମ ପ୍ରତିଷ୍ଠା କରିଥିଲେ। ସେତେବେଳେ ଲଙ୍ଗଳରେ ହଳ କରି ଧାନ, ମୁଗ, ବାଜାରା, ଚିନାବାଦାମ, କୋଳଥ, ରାଶି, ଧଣିଚା, ନଳିତା, ଶୋରିଷ, ବୋଇତାଳୁ, କଖାରୁ, ଟାମାଟୋ, ମକା, ବରଗଡି, କାଙ୍ଗା ସହ ବିଭିନ୍ନ ପ୍ରକାର ବିହନ ଉତ୍ପାଦନ କରାଯାଉଥିଲା। ଏଥିରେ ମୁଳଖମ୍ବ, ଦାମୋଦରପୁର, କୁହିକା, ମଙ୍ଗଳବୁର, ପୋବଳ, କଞ୍ଚିଚୁଆଁ, ବତଲଣ୍ଡା, ପିମ୍ପୁଡିଆ, ଆମ୍ବପାଳ, କଣ୍ଟାପାଳ, କୋଇଲୋ, ମାଣତିରା, ମଧୁବନ, ଇଚ୍ଛାପୁର, ବଉଳପାଳ ପ୍ରଭୃତି ଗ୍ରାମର ପ୍ରାୟ ୩ ହଜାର ଶ୍ରମିକ ନିୟୋଜିତ ହୋଇ ଆସୁଥିଲେ। ମାତ୍ର ରାଜ୍ୟ ସରକାରଙ୍କ ଉଦାସୀନତା ଯୋଗୁ ୧୯୯୦ ପରଠାରୁ ଫାର୍ମର ଅର୍ଦ୍ଧାଧିକ ଜମି ଦୀର୍ଘ ବର୍ଷ ଧରି ପଡିଆ ପଡିଆସୁଛି। ଏପରିକି ଏକ ଘରୋଇ ଆଇଟିଆଇ କଲେଜ ପ୍ରତିଷ୍ଠା କରିବାକୁ ଫାର୍ମର ଚାଷ ଜମି ହସ୍ତାନ୍ତର କରିଛି। ଫଳରେ ବିହନ ଫାର୍ମର ଚାଷଜମି ସଙ୍କୁଚିତ ହୋଇଛି । ଏହାଦ୍ୱାରା ପ୍ରାୟ ୨୫୦୦ ଶ୍ରମିକଙ୍କ ଜୀବିକା ଯାଇଛି। ବିହନ ଫାର୍ମର ଦାମୋଦରପୁରଠାରୁ ବୋତଲଣ୍ଡା ପର୍ଯ୍ୟନ୍ତ ଚାଷ ଜମି ଏବେ ପଡିଆ ପଡିଛି। ଏହି ମର୍ମରେ ସୁକିନ୍ଦା ବିହନ ଫାର୍ମ ଶ୍ରମିକ ସଂଘ ପକ୍ଷରୁ କୃଷି ବିଭାଗର ପ୍ରିନ୍ସିପାଲ ସେକ୍ରେଟାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସ୍ମାରକପତ୍ରରେ ସୁକିନ୍ଦା ବିହନ ଫାର୍ମ ହସ୍ତାନ୍ତର ଚୁକ୍ତି ବାତିଲ ନକଲେ ରାଜଧାନୀର କୃଷି ବିଭାଗ ସମ୍ମୁଖରେ ଗଣ ସତ୍ୟାଗ୍ରହ କରିବାକୁ ଚେତାବନୀ ଦିଆଯାଇଛି। ଏନେଇ ବିହନ ଫାର୍ମ କର୍ତ୍ତୃପକ୍ଷଙ୍କ ମତାମତ ନେବାକୁ ଯୋଗାଯୋଗ କରାଯାଇଥିଲେ ହେଁ ସମ୍ଭବ ହୋଇ ପାରିନାହିଁ।

### ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି ଆରମ୍ଭ

ବିରଜାକ୍ଷେତ୍ର,୧୪।୧(ଡି.ଏନ୍.ଏ)

ରଘୁନାଥପୁର କ୍ରିକେଟ୍ ପଡ଼ିଆରେ ସୋମବାର ଅଦ୍ୱୈତ ମେମୋରିଆଲର ୧୬ତମ ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି ଆରମ୍ଭ ହୋଇଛି । ଏହି କ୍ରିକେଟ୍ ମ୍ୟାଚକୁ ମୁଖ୍ୟ ଅତିଥିଭାବେ ଗୋପୀନାଥ ନାୟକ ଓ ବିଶ୍ୱନାଥ ମାଝୀ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ ଯାଜପୁରର ଶ୍ରାବଣୀ କ୍ରିକେଟ୍ କ୍ଲବ୍ ଓ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ରାମେଶ୍ୱର ସ୍ପୋର୍ଟିଂ କ୍ଲବ୍ ବ୍ୟାଟିଂ କରି ୨୦ଓଭରରେ ୯ ୱିକେଟ୍ ହରାଇ ୧୨୭ ରନ୍ କରିଥିଲା। ଜବାବରେ ଦ୍ୱିତୀୟରେ ବ୍ୟାଟିଂ କରି ଶ୍ରାବଣୀ କ୍ରିକେଟ୍ କ୍ଲବ୍ ସମସ୍ତ ଉଇକେଟ୍ ହରାଇ ୧୦୦ ରନ୍ ସଂଗ୍ରହ କରିଥିଲା। ରାମେଶ୍ୱର ସ୍ପୋର୍ଟିଂ କ୍ଲବ୍ ପ୍ରଥମ ଦିବସ ମ୍ୟାଚକୁ ୨୭ ରନ୍‌ରେ ଜିତି ନେଇଥିଲେ। ଅମ୍ପାୟାର ଭାବେ ଶରତ ଜେନା ଓ ଲଲାଟ କେଶରୀ ନନ୍ଦ ଖେଳ ପରିଚାଳନା କରିଥିଲେ। ଚିନ୍ମୟ ରାଉତରାୟ, ବୀରନାରାୟଣ ମାଝୀ ଓ ସୁବ୍ରତ ସ୍ୱାଇଁ ସ୍କୋରର ଭାବେ କାର୍ଯ୍ୟ ତୁଲାଇ ଥିଲେ। ପ୍ରଦୀପ ନାୟକ ଓ ବିଷ୍ଣୁଚରଣ ବୋଇତାଇ ଭାଷ୍ୟକାର ରୂପେ ନିଜ କାର୍ଯ୍ୟ ନିର୍ବାହ କରିଥିଲେ। ଆସନ୍ତା ୨୦ ତାରିଖ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

## ଦିବ୍ୟାଙ୍ଗଙ୍କୁ ବ୍ୟଙ୍ଗ କରିବା ମହଙ୍ଗା ପଡ଼ିଲା

# ହୋର୍ଡିଂ ହଟାଇଲା ଜିଲା ପ୍ରଶାସନ




ଜିଲା ପ୍ରଶାସନ ପକ୍ଷରୁ ହୋର୍ଡିଂ ଚିରାଯାଇଛି ।

ରସୁଲପୁର,୧୪।୧(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ଓ ବରୀ ବ୍ଲକ ଅନ୍ତର୍ଗତ ବାଲିଆଠାରେ କୋଣାର୍କ ଗଣନାଟ୍ୟ ପକ୍ଷରୁ ଯାତ୍ରା ପରିବେଷଣ ପାଇଁ 'ଅନ୍ଧ, ମୂକ, ବଧିର' ଶୀର୍ଷକ ରଖାଯାଇ ହୋର୍ଡିଂ ଲାଗିଥିଲା। ହୋର୍ଡିଂ ଜରିଆରେ ଦିବ୍ୟାଙ୍ଗଙ୍କ ପ୍ରତି ଅଶ୍ଳୀଳ ଇଙ୍ଗିତ କରାଯାଉଛି ବୋଲି ଜିଲା ଦିବ୍ୟାଙ୍ଗ କମିଟି ସଭାପତି ମଣ୍ଟୁ ଦାସ ଶୁକ୍ରବାର ଜିଲାପାଳ ଓ ସାମାଜିକ ସୁରକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଗୁରୁତ୍ୱ ଦିଆଯାଇ ଜିଲା ପ୍ରଶାସନ ପକ୍ଷରୁ ସୋମବାର ହୋର୍ଡିଂ ହଟାଇ ଦିଆଯାଇଛି। ବ୍ରହ୍ମବରଦା ଫାଣ୍ଡି ଅଧିକାରୀ ସୁରେନ୍ଦ୍ର କୁମାର ରଥ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଲକ୍ଷ୍ମୀକାନ୍ତ ସାହୁ, ଜିଲା ଦିବ୍ୟାଙ୍ଗ କମିଟି ସଂଯୋଜକ ଚକ୍ରଧର ସୂତାର, କମିଟି ସଦସ୍ୟ ସଭାପତି ଦାସ ଓ ସଭ୍ୟ ଜଟାଧାରୀ ମଲିକଙ୍କୁ ନେଇ ଘଟଣାସ୍ଥଳରେ ପହଞ୍ଚି ଯାତ୍ରା ପୋଷ୍ଟରଗୁଡିକୁ ହଟାଇ ଦେଇଥିଲେ। ହେଲେ ଜିଲା ପ୍ରଶାସନ ଯାତ୍ରା ଉପରେ ରୋକ ଲଗାଉଛି କି ନାହିଁ,ତାହା ଦେଖିବାକୁ ବାକି ରହିଲା ବୋଲି କୁହାଯାଇଛି। ଜିଲା ପ୍ରଶାସନ ପଦକ୍ଷେପକୁ ଜିଲା ଦିବ୍ୟାଙ୍ଗ କମିଟି ପକ୍ଷରୁ ସ୍ୱାଗତ କରାଯାଇଛି । ପ୍ରକାଶ ଯେ, ଦିବ୍ୟାଙ୍ଗ ଅଧିକାର ଆଇନ-୨୦୧୬ ଅନୁଯାୟୀ, ଦିବ୍ୟାଙ୍ଗଙ୍କୁ ସ୍ୱାଧୀନତା ଓ ସମ୍ମାନର ସହ ବଞ୍ଚିବା ପାଇଁ ଆଇନରେ ଉଲ୍ଲେଖ ଅଛି । ଏଥିରେ ବ୍ୟତିକ୍ରମ ଘଟିଲେ ଦଣ୍ଡିତ କରାଯିବ।

### ମା'ତାରାଦେବୀଙ୍କ ବାର୍ଷିକ ଉତ୍ସବ

ଯାଜପୁର ଅଫିସ,୧୪।୧

ଯାଜପୁର ବ୍ଲକ ବରୁଆଁସ୍ଥିତ ତରଢେଇ ପୀଠରେ ସୋମବାର ପବିତ୍ର ମକର ସଂକ୍ରାନ୍ତି ଅବସରରେ ମା' ତାରାଦେବୀଙ୍କ ବାର୍ଷିକ ପୂଜା ଓ ଯଜ୍ଞ ଆରମ୍ଭ ହୋଇଛି । ଗତ ୧୧ ତାରିଖରେ ଅଙ୍କୁରା ରୋପଣ ଓ ନୂତନ ବିଗ୍ରହଙ୍କ ଧାନାଧିବାସ ହୋଇଥିଲା । ୧୨ ତାରିଖ ଶନିବାର କଳସ ଯାତ୍ରା ଓ ଯଜ୍ଞାଗ୍ନି ସ୍ଥାପନ କରାଯାଇଥିଲା । ୧୩ ତାରିଖ ରବିବାର ଭଗବତୀ ତାରା ଦେବୀ ନିର୍ମାଣ ହୋଇଥିବା ନୂତନ ସିଂହାସନକୁ ବିଜେ କରିଥିଲେ। ଧୁମଧାମରେ ମା ତାରା ଦେବୀଙ୍କ ବାର୍ଷିକ ପୂଜା ଅନୁଷ୍ଠିତ ହେବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି । ୧୪ ତାରିଖରୁ ମା'ତାରା ଦେବୀଙ୍କ ମିଳନ ଓ ଅଗ୍ନି ସ୍ଥାପନ, ୧୫ରେ ମହାଲକ୍ଷ୍ମୀ ବେଶ ଓ ଗୀତା ମହାଯଜ୍ଞ, ୧୬ରେ ମହାକାଳୀ ବେଶ ଓ ଚଣ୍ଡି ମହାଯଜ୍ଞ ଅନୁଷ୍ଠିତ ହେବା ସହ ସନ୍ଧ୍ୟାରେ ପୂର୍ଣ୍ଣାହୂତି ପଡିବ। ସୋମବାର ପବିତ୍ର ମକର ସଂକ୍ରାନ୍ତି ଅବସରରେ ପ୍ରତ୍ୟୁଷରୁ ସେବାୟତଙ୍କ ଦ୍ୱାରା ମା'ଙ୍କୁ ସ୍ନାନ କରାଯାଇ ନୀତିକାନ୍ତି ଆରମ୍ଭ କରାଯାଇଥିଲା। ବିଭିନ୍ନ ଗ୍ରାମର ପୂଜା ପାଉଥିବା ଗ୍ରାମ ଦେବତୀଙ୍କ ଚଳନ୍ତି ପ୍ରତିମାକୁ ଶୋଭାଯାତ୍ରାରେ ତରଢେଇ ପୀଠକୁ ନିଆଯାଇ ଠାକୁରାଣୀଙ୍କ ମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମାଙ୍କ ବାର୍ଷିକ ପୂଜା ଉପଲକ୍ଷେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

### ଦିବାରାତ୍ର ଭଲିବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ: ପ୍ରଗତି କ୍ଲବ ବିଜୟୀ



ଭଲିବଲ ଟୁର୍ନାମେଣ୍ଟକୁ ଅତିଥି ଉଦ୍‌ଘାଟନ କରୁଛନ୍ତି ।

ରସୁଲପୁର,୧୪।୧(ଡି.ଏନ.ଏ.)

ରସୁଲପୁର ବ୍ଲକ ମୁଗୁପାଳଠାରେ ଇକୋ କ୍ଲବ(ଇଏସ୍‌ଇପିଏମ୍)ର ଷୋଡ଼ଶ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଏକଦିବସୀୟ ଦିବାରାତ୍ର ଭଲିବଲ୍ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷାବିତ୍ ଜିତେନ୍ଦ୍ର କୁମାର ଟୁର୍ନାମେଣ୍ଟ ଉଦ୍‌ଘାଟିତ କରି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। କୁଆଖିଆ ଥାନାଧିକାରୀ ଆଶିଷ କୁମାର ସାହୁ, ମୁଗୁପାଳ ସରପଞ୍ଚ ଭବାନୀ ଶଙ୍କର ପଣ୍ଡା, ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ଦାସ, ଓଡ଼ିଶା ଭଲିବଲ୍ ଆସୋସିଏଶନ୍ ସଭ୍ୟ ପ୍ରଭାକର ବସ୍ତିଆ, ଅଧ୍ୟାପକ ସିଦ୍ଧାର୍ଥ ଶଙ୍କର ରଥ, ବରିଷ୍ଠ ଶିକ୍ଷକ ଭରତ ଚନ୍ଦ୍ର ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଟୁର୍ନାମେଣ୍ଟରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୬ଟି ଦଳ ଅଂଶଗ୍ରହଣ କରିଛନ୍ତି । ୬ଟି ଦଳକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି । ସ୍ପୋର୍ଟ୍ସ ହଷ୍ଟେଲ୍ କୋରାପୁଟ ଓ ପ୍ରଗତି କ୍ଲବ ମୁଗୁପାଳ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଗତି କ୍ଲବ୍ ୨-୦ ସେଟ୍‌ରେ ବିଜୟୀ ହୋଇଛି । ଯତୀନ୍ଦ୍ରନାଥ ଜେନା, ଉଦୟଭାନୁ ସୁନ୍ଦରରାୟ, ମନୋରଞ୍ଜନ ପଣ୍ଡା, ଆଶୀର୍ବାଦ ସାହାଣୀ, ଅମରେନ୍ଦ୍ର ସାହୁ ଓ ଅଭ୍ରାଂଶୁ ଶେଖର ମହାନ୍ତି ପ୍ରମୁଖ ରେଫ୍‌ରୀ ଭାବରେ ମ୍ୟାଚ୍ ପରିଚାଳନା କରିଥିଲେ ।

### ଖଣ୍ଡିତର ପ୍ରିମିୟର ଲିଗ୍: ଫାଇନାଲ୍‌ରେ ଓଲ୍ଡ ପ୍ରଫେସର, ହାର୍ଡ ହିଟର

ରସୁଲପୁର,୧୪।୧(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ଖଣ୍ଡିତର ଉଚ୍ଚ ବିଦ୍ୟାଳୟ ପଡିଆଠାରେ ଚାଲିଥିବା ଖଣ୍ଡିତର ପ୍ରିମିୟର ଲିଗ୍‌ର ସେମି ଫାଇନାଲ ସୋମବାର ଅନୁଷ୍ଠିତ ହୋଇଯାଇଛି। ଓଲ୍ଡ ପ୍ରଫେସର ଓ ସ୍ମାର୍ଟନ୍ ଇଲେଭେନ୍ ମଧ୍ୟରେ ପ୍ରଥମ ସେମି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଓଲ୍ଡ ପ୍ରଫେସର ଫିଲ୍ଡିଂ କରିଥିଲା। ସ୍ମାର୍ଟନ୍ ଇଲେଭେନ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୯ ଉଇକେଟ୍ ହରାଇ ୬୧ ରନ୍ କରିଥିଲା। ଜବାବରେ ଓଲ୍ଡ ପ୍ରଫେସର ୧୧.୧ ଓଭରରେ ୪ ଉଇକେଟ୍ ହରାଇ ୬୫ ରନ୍ କରି ବିଜୟୀ ହୋଇଥିଲା। ସେହିପରି ୨ୟ ସେମିଫାଇନାଲ୍‌ରେ ରଥ୍‌ଲେସ୍ ହାର୍ଡ ହିଟର ପ୍ରଥମେ ବ୍ୟାଟିଂ କରି ୭ ଉଇକେଟ୍ ହରାଇ ୧୦୬ ରନ୍ କରିଥିଲା। ଜବାବରେ ନିର୍ଦ୍ଧାରିତ ୧୨ ଓଭରରେ ସ୍ମାର୍ଟନ୍ ୯ ଉଇକେଟ୍ ହରାଇ ୯୫ ରନ୍ କରିଥିଲା। ଓଲ୍ଡ ପ୍ରଫେସର ଓ ହାର୍ଡ ହିଟର ଫାଇନାଲକୁ ପ୍ରବେଶ କରିଛନ୍ତି। ହାର୍ଡ ହିଟରର ସ୍ୱାଧୀନ ସାହୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ। ଅଧ୍ୟାପକ ସମରେନ୍ଦ୍ର ଦାସ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

### ରେଡ୍ ରିବନ କ୍ଲବ ପକ୍ଷରୁ ଜାତୀୟ ଯୁବ ଦିବସ

ଯାଜପୁରରୋଡ,୧୪।୧(ନି.ପ୍ର.)

ସ୍ଥାନୀୟ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ପରିସରରେ ଯୁବ ରେଡକ୍ରସ୍ ରେଡ ରିବନ କ୍ଲବ ପକ୍ଷରୁ ସୋମବାର ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପଙ୍କଜିନୀ ପାଣି ସଭାପତିତ୍ୱ କରିଥିଲେ। ହେମନ୍ତ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିବେକାନନ୍ଦଙ୍କ ଜୀବନାଦର୍ଶରେ ପ୍ରଭାବିତ ହେଲେ ବ୍ୟକ୍ତି ଏକ ସୁସ୍ଥ ରାଷ୍ଟ୍ର ଗଠନ କରିପାରିବ ବୋଲି କହିଥିଲେ। ଅମୂଲ୍ୟ କୁମାର ନାୟକ, ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ରାଉତ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ସୁବାସ ଚନ୍ଦ୍ର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ବ୍ରହ୍ମବରଦା ମହାବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

### 'ବିଦ୍ୟାର୍ଥୀମାନେ ଉଚ୍ଚାଭିଳାଷୀ ହୁଅନ୍ତୁ'

ରସୁଲପୁର,୧୪।୧(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ମହାବିଦ୍ୟାଳୟର ଜୁନିଅର ଓ ଡିଗ୍ରୀ କଲେଜର ୩୩ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅଧ୍ୟକ୍ଷ କିଶୋର ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ବରୀ ବିଧାୟକ ଦେବାଶିଷ ନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଦ୍ୟାର୍ଥମାନେ ଦେଶର ଭବିଷ୍ୟତ ଅଟନ୍ତି। ସେମାନେ କଠୋର ପରିଶ୍ରମୀ ଓ ଉଚ୍ଚାଭିଳାଷୀ ହେଲେ ଜୀବନର ସଫଳତା ଶୀର୍ଷରେ ପହଞ୍ଚି ପାରିବେ। ଏହାଛଡା ସମଗ୍ର ବିଶ୍ୱରେ ଓଡ଼ିଆ ଜାତି, ଭାଷା ଓ ସଂସ୍କୃତିର ସ୍ୱତନ୍ତ୍ର ପରିଚୟ ରହିଛି। ପ୍ରତ୍ୟେକ ଛାତ୍ରୀଛାତ୍ର ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ଓଡ଼ିଆ ବୋଲି ଗର୍ବ କରି ଓଡିଆ ଜାତି ଓ ମାଟିର ଟେକ ରଖିବା ଦିଗରେ କାମ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଡିଗ୍ରୀ କଲେଜର ଅଧ୍ୟକ୍ଷ ସୌଭାଗ୍ୟ କୁମାର ସାହୁ, ସୁସାହିତ୍ୟିକ ଅଧ୍ୟାପକ ମହେଶ୍ୱର ପାଢୀ, ଶ୍ରମିକ ନେତା ପ୍ରଦୀପ ଦାସ, ସୁଦର୍ଶନ ପାଢୀ, ପ୍ରାକ୍ତନ ସରପଞ୍ଚ ବିପିନ ବିହାରି ଦେଓ, ହରିବନ୍ଧୁ ଗିରି, ଆଲ୍ଲାଉଦ୍ଦିନ ଖାଁ, ପଞ୍ଚାନନ ରାଉତ, ନିମାଇଁ ଚନ୍ଦ୍ର ଦାସ, ସେକ୍ ଜିଆଉଲ ହକ୍ ପ୍ରମୁଖ ଯୋଗଦେଇ କଲେଜର ଉନ୍ନତି କ୍ଷେତ୍ରରେ ଏକଜୁଟ ହୋଇ କାମ କରିବାକୁ ଅନୁରୋଧ କରିଥିଲେ। ଏଥିସହ କଲେଜର ସ୍ଥାୟୀ ଖେଳ ପଡିଆ, ହତା ପରିସରରେ ସ୍ଥାୟୀ ପେଣ୍ଡାଲ ଓ ବିଦ୍ୟାର୍ଥୀଙ୍କ ଉଦ୍ଦେଶ୍ୟରେ ଏକ ସୁଦୃଢ ଚଟାଣ ନିର୍ମାଣ ସକାଶେ ବିଧାୟକ ନାୟକଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ଅଧ୍ୟାପକ ଶଶିଭୂଷଣ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରଶ୍ମିକାନ୍ତ ଦାସ ସ୍ୱାଗତ ସଂଗୀତ, ଶିଶୁ କଳାକାର ବେଣ୍ୟା ସାହୁ ନୃତ୍ୟ ପରିବେଷଣ କରିଥିଲେ । ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଡିଗ୍ରୀ କଲେଜର ସ୍ନେହଲତା ମଲ୍ଲିକ, ସରୋଜ କୁମାର ନାୟକ, ଜୁନିଅର କଲେଜରୁ ସଂଘମିତ୍ରା ମହାନ୍ତି, ସରୋଜ କୁମାର ମଲ୍ଲିକ ବାର୍ଷିକ କ୍ରୀଡାରେ ଚାମ୍ପିୟନ ଆଖ୍ୟା ଅର୍ଜନ କରି ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ।

# ଗୁପ୍ତ ଟେଣ୍ଡର ଜରିଆରେ ଅର୍ଥ ଆତ୍ମସାତ୍

ଚଣ୍ଡିଖୋଲ,୧୪।୧(ଡି.ଏନ.ଏ.)



**ବଡ଼ଚଣା ପୂର୍ତ୍ତ ବିଭାଗ**
- ୫ ଲକ୍ଷରୁ ଅଧିକ ଟଙ୍କାର କାମ ପାଇଁ କରାଯାଉନି ଟେଣ୍ଡର
- ଗୋଟିଏ ରାସ୍ତା ପାଇଁ ୧୦ ଜଣଙ୍କ ନାମରେ ଦିଆଯାଉଛି କାମ

ଚାରିବାଟିଆ ପୂର୍ତ୍ତ ବିଭାଗ ଡିଭିଜନ ଅଧୀନରେ ବଡ଼ଚଣା ପୂର୍ତ୍ତ ବିଭାଗ ସବ୍‌ଡିଭିଜନ ରହିଛି। ଏହି ସବ୍‌ଡିଭିଜନ ଅଧୀନରେ ପୂର୍ବରୁ ଗୁପ୍ତ ଟେଣ୍ଡର ଜରିଆରେ ରାସ୍ତା କାମ କରାଯାଇଥିବା କାଗଜପତ୍ରରେ ଦର୍ଶାଯାଇଛି। ପୁନର୍ବାର ବିଭାଗୀୟ ଟଙ୍କାକୁ ଚଳୁ କରିବା ପାଇଁ ଟେଣ୍ଡର କରା ନ ଯାଇ ଗୁପ୍ତ ଟେଣ୍ଡର ମାଧ୍ୟମରେ ରାସ୍ତା ମରାମତି କରାଯାଉଥିବା ଜଣାପଡ଼ିଛି।

ବଡ଼ଚଣା ପୂର୍ତ୍ତ ବିଭାଗ ଅଧୀନରେ କୃଷ୍ଣଦାସପୁର-ରତ୍ନଗିରି, ବରୁଆଁ-ବାଲିଚନ୍ଦ୍ରପୁର ରାସ୍ତାର ୯ କି.ମି. ଓ ଛତିଆ-କଳକଳା ରାସ୍ତା ରହିଛି। ଏବେ ସମ୍ପୃକ୍ତ ରାସ୍ତାଗୁଡ଼ିକର ମରାମତି କାର୍ଯ୍ୟ କରାଯାଉଛି। ଗୋଟିଏ ଗୋଟିଏ ରାସ୍ତାରେ ୨୦ରୁ ୪୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରାଯାଉଥିବା ବେଳେ ଏହାକୁ ଖୋଲା ଟେଣ୍ଡର କରା ନ ଯାଇ ଗୁପ୍ତ ଟେଣ୍ଡର ମାଧ୍ୟମରେ କରାଯାଇଛି। ସରକାରଙ୍କ ନିୟମ ଅନୁଯାୟୀ, ୫ ଲକ୍ଷ ଟଙ୍କାରୁ ଅଧିକ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର କରାଯିବା କଥା। ହେଲେ ଟେଣ୍ଡର ନ କରି ବିଭାଗୀୟ ଅଧିକାରୀ ଗୋଟିଏ ରାସ୍ତାର ମରାମତି ପାଇଁ ଭାଗ କରି ୧୦ରୁ ୧୫ ଜଣଙ୍କ ନାମରେ କାମ ଦେଇଥିବା କୁହାଯାଉଛି। ଏଭଳି ବେଆଇନ କାର୍ଯ୍ୟକୁ ସମ୍ପୂର୍ଣ୍ଣ ଗୁପ୍ତ ରଖିବା ପାଇଁ ଆବଶ୍ୟକସ୍ଥଳେ ଜଣେ ଜଣେ ଠିକାଦାରଙ୍କୁ ଧରି ନିଜ ସୁବିଧାରେ ୩ଟି ଗୁପ୍ତ ଟେଣ୍ଡର ପେପର ଜରିଆରେ ଅର୍ଥ ହରିଲୁଟ୍ କରାଯାଉଥିବା ଆଲୋଚନା ହେଉଛି। ବରୁଆଁ-ବାଲିଚନ୍ଦ୍ରପୁର ରାସ୍ତାର ମାଣ୍ଡୁକାଠାରୁ ଗଡ଼ଜିତ ପର୍ଯ୍ୟନ୍ତ ମାତ୍ର ୪ କି.ମି. ରାସ୍ତା ମରମତି ନାଁରେ ୧୪ ଲକ୍ଷ ଟଙ୍କାର ଗୁପ୍ତ ଟେଣ୍ଡର ହୋଇଥିବା ବେଳେ କୃଷ୍ଣଦାସପୁର-ରତ୍ନଗିରି ରାସ୍ତାରେ ୩୦ ଲକ୍ଷ ଟଙ୍କାର ଗୁପ୍ତ ଟେଣ୍ଡର କରାଯାଇଥିବା ଜଣାପଡ଼ିଛି। ସେହିଭଳି ଛତିଆ-କଳକଳା, ଲଳିତଗିରି-ଉଦୟଗିରି ରାସ୍ତାରେ ଲକ୍ଷ ଲକ୍ଷ ଟଙ୍କାର ମରାମତି ନାମରେ ଅର୍ଥ ହରିଲୁଟ୍ କରାଯାଇଛି। ସୂଚନାଯୋଗ୍ୟ, ବଡ଼ଚଣା-ବାଲିଚନ୍ଦ୍ରପୁର ଓ ବଡ଼ଚଣା-ଦର୍ପଣୀ ପୂର୍ତ୍ତ ବିଭାଗ ରାସ୍ତାରେ ଗତ ୩ ବର୍ଷ ମଧ୍ୟରେ ଟେଣ୍ଡର ପ୍ରକ୍ରିୟାରେ ରାସ୍ତା ନିର୍ମାଣ ଚାଲୁଥିଲା ବେଳେ ଏହା ମଧ୍ୟରେ ଗୁପ୍ତ ଟେଣ୍ଡର ଜରିଆରେ ଲୁଟ୍ ହୋଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବଡ଼ଚଣା ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ରୋହିତ କୁମାର ବିଶ୍ୱାଳଙ୍କୁ ପଚାରିବାରେ, ଚିଠା ବା ଗୁପ୍ତ ଟେଣ୍ଡର ମାଧ୍ୟମରେ ରାସ୍ତା ମରାମତି କାର୍ଯ୍ୟ କରାଯାଇଥିବା ସ୍ୱୀକାର କରିଛନ୍ତି।



ବରୁଣେଶ୍ୱର ମେଳାରେ ଲୋକଙ୍କ ଭିଡ଼।



ମନ୍ଦିରରେ ଆଳତି କରାଯାଉଛି।

# ଜମିଲା ବରୁଣେଶ୍ୱର ମେଳା

## ବାବାଙ୍କୁ ଦର୍ଶନ କଲେ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

**ରାମକୃଷ୍ଣ ଦାସ**
**ବିଞ୍ଝାରପୁର, ୧୪।୧**

ଯାଜପୁର ଜିଲାରେ ୯ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ପ୍ରସିଦ୍ଧ ବରୁଣେଶ୍ୱର ମେଳା ସୋମବାରଠାରୁ ଜାକଜକମରେ ଆରମ୍ଭ ହୋଇଛି। ପ୍ରଥମ ଦିନରେ ୫୦ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିବା ବେଳେ ସାରସ୍ୱତ ସମାରୋହ, କଳା, ସାହିତ୍ୟ ଓ ହଜି ଯାଉଥିବା ପରମ୍ପରାକୁ ମନେପକାଇ ଦେଇଥିଲେ ଆୟୋଜକମାନେ। ମକର ସଂକ୍ରାନ୍ତି ସୋମବାର ପଡୁଥିବାରୁ ଏହି ଶୈବପୀଠରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ସୋମବାର ଭୋର ୩ଟାରେ ସେବାୟତମାନେ ପ୍ରଥମେ ବାବା ବରୁଣେଶ୍ୱର ପୀଠରୁ ଜଳ ନିଷ୍କାସନ କରିବା ପରେ ୪ଟା ୪୫ରେ ମଙ୍ଗଳ ଆଳତି କରିଥିଲେ। ଏହାପରେ ବାବା ବରୁଣେଶ୍ୱରଙ୍କୁ ବଡସିଂହାର ବେଶ କରାଯାଇଥିଲା। ସେହିପରି ଭୋର ୫ଟାରେ କୁଶଭଦ୍ରା ଆଳତି ହୋଇଥିଲା। ଏହା ଦେଖିବାକୁ ପ୍ରବଳ ଥଣ୍ଡା ସତ୍ତ୍ୱେ ଶହଶହ ଶ୍ରଦ୍ଧାଳୁ ଭିଡ ଜମାଇଥିଲେ। ବର୍ଷସାରା ବାବା ବରୁଣରେଶ୍ୱର ଜଳମଗ୍ନ ଥିବା ବେଳେ ଆଜିର ଦିନରେ ଭକ୍ତଙ୍କୁ ଦର୍ଶନ ଦେବା ପାଇଁ ସେବାୟତମାନେ ବାବାଙ୍କ ପୀଠରୁ ଜଳ ନିଷ୍କାସନ କରି ତାଙ୍କ ଦର୍ଶନ କରାଇଥିଲେ। ପ୍ରଥମ ଦିନରେ ବିଧି ମୁତାବକ ବାବାଙ୍କ ରୁଦ୍ରାଭିଷେକ କରାଯାଇଥିଲା। ପ୍ରଥମ ଦିନର ରୁଦ୍ରାଭିଷେକ ପ୍ରଶାସନ ପକ୍ଷରୁ କରାଯାଇଥିଲା। ରୁଦ୍ରାଭିଷେକ ସମୟରେ ଜିଲାପାଳ ରଞ୍ଜନ କୁମାର ଦାସ, ଏସ୍‌ପି ଚରଣ ସିଂହ ମୀନା, ଡିଆରଡିଓ ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ, ବିଡିଓ ଦାମୋଦର ଖୁଣ୍ଟିଆ, ତହସିଦାର ଶୁଭ୍ରବାଳା ବେହେରା, ବ୍ଲକ ଅଧ୍ୟକ୍ଷ ନନ୍ଦକିଶୋର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଭୋର ସମୟରେ ୫୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଭିଡ ନିୟନ୍ତ୍ରଣ କରିବାକୁ ଯାଇ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା।

### ପୋଡ଼ପିଠାରୁ ବଞ୍ଚିତ ଶ୍ରଦ୍ଧାଳୁ

ବରୁଣେଶ୍ୱର ମେଳାରେ ପ୍ରାଚୀନ ପରମ୍ପରା ଦେଖିବାକୁ ମିଳୁଥିଲା। ହେଲେ ଚଳିତ ବର୍ଷ ସମସ୍ତ ପ୍ରାଚୀନ ପରମ୍ପରାକୁ ଆୟୋଜକମାନେ ପାସୋରି ଦେଇଥିଲେ। ମକର ସଂକ୍ରାନ୍ତି ଦିନ ଏହି ପୀଠରେ ମକର ଚାଉଳ ସହ ପୋଡପିଠା ମଧ୍ୟ ବଣ୍ଟନ କରାଯାଉଥିଲା। ହେଲେ ଚଳିତବର୍ଷ ଏହା ଦେଖିବାକୁ ମିଳି ନ ଥିଲା। ତେବେ ମେଳାର ଆୟୋଜନକୁ ନେଇ ରାଜନୈତିକ ବିବାଦ ଓ ପ୍ରଶାସନିକ ହସ୍ତକ୍ଷେପ ଯୋଗୁ ଏହି ପ୍ରାଚୀନ ପରମ୍ପରାକୁ ଆୟୋଜକମାନେ ଭୁଲି ଯାଇଥିବା କୁହାଯାଉଛି। ତେବେ ସାରସ୍ୱତ ସଂଗଠନ ଅଖିଳଚକ୍ର ପକ୍ଷରୁ ମକର ଚାଉଳ ବଣ୍ଟନ କରାଯାଇଥିବା ଦେଖିବାକୁ ମିଳିଥିଲା। ସେହିପରି ମେଳାର ବିଶେଷ ଆକର୍ଷଣ ଗୋବରା ଚଢେଇ ଲଢେଇ ରହିଥାଏ। ମାତ୍ର ୨୦୧୫ରେ ପରିବେଶବିତ୍‌ମାନେ ଆପତ୍ତି କରିବାରୁ ଜଙ୍ଗଲ ବିଭାଗ ଏହା ଉପରେ ପ୍ରତିବନ୍ଧକ ଲଗାଇଛି। ଫଳରେ ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁମାନେ ଏହି ଲଢେଇ ଦେଖିବାରୁ ବଞ୍ଚିତ ହୋଇଥିଲେ।

### ● ଦର୍ଶନ ପାଇଁ ପୀଠରେ ଧାଡ଼ି ବାନ୍ଧିଲେ ଆଶାୟୀ ପ୍ରାର୍ଥୀ

ମକରସଂକ୍ରାନ୍ତିରେ ବାବା ବରୁଣେଶ୍ୱରଙ୍କ ପ୍ରଥମ ଦର୍ଶନରେ ସମସ୍ତ ମନୋସ୍କାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେଥିପାଇଁ ପ୍ରଥମ ଦିନରେ ନେତାଙ୍କଠାରୁ ଆରମ୍ଭ କରି ଠିକାଦାର, ସରକାରୀ କର୍ମଚାରୀ ଓ ଛାତ୍ରୀଛାତ୍ର ପ୍ରମୁଖ ବାବାଙ୍କ ଦର୍ଶନ ପାଇଁ ଧାଡି ଲଗାଇଥାନ୍ତି। ହେଲେ ଚଳିତବର୍ଷ ବରୁଣେଶ୍ୱର ମେଳାରେ ଆଗାମୀ ନିର୍ବାଚନ ପାଇଁ ପାଗ ଭିଡୁଥିବା ବିଭିନ୍ନ ଦଳର ନେତାଙ୍କୁ ଭୋର ସମୟରେ ବାବାଙ୍କ ପୀଠରେ ଦେଖିବାକୁ ମିଳିଥିଲା। ବିଜେଡି ବିଧାୟିକା ପ୍ରମିଳା ମଲ୍ଲିକ, ଭାଜପା ପକ୍ଷରୁ ଆଶାୟୀ ବିଧାୟିକା ପ୍ରାର୍ଥୀ ବବିତା ମଲ୍ଲିକ, ଅମିୟ ମଲ୍ଲିକ ଓ କଂଗ୍ରେସ ପକ୍ଷରୁ ଆଶାୟୀ ପ୍ରାର୍ଥୀ ମନୋରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଭିନ୍ନଭିନ୍ନ ଦଳରୁ ପ୍ରତିନିଧିତ୍ୱ କରୁଥିବା ଏହି ନେତାମାନେ ବାବା ବରୁଣେଶ୍ୱରଙ୍କ ଦର୍ଶନ ପାଇଁ ପାଖାପାଖି ଛିଡା ହୋଇଥିବାର ଦେଖିବାକୁ ମିଳିଥିଲା। ପୂର୍ବରୁ ନିଜ ନିଜର ପ୍ରତିଦ୍ୱନ୍ଦ୍ୱୀ ଭାବୁଥିବା ନେତାଙ୍କୁ ଏକ ସ୍ଥାନରେ ଦେଖି ଲୋକେ ଫୁସୁରୁଫାସର ହେଉଥିବା ଦେଖିବାକୁ ମିଳିଥିଲା।

### ● ଦ୍ୱିତୀୟ ଦିନରେ ଜମିବ ମହୋତ୍ସବ

ମେଳାର ଦ୍ୱିତୀୟ ଦିନ ଅର୍ଥାତ ମଙ୍ଗଳବାର ବରୁଣେଶ୍ୱର ମହୋତ୍ସବ ଅନୁଷ୍ଠିତ ହେବ। ଏହି ମହୋତ୍ସବରେ ରାଜନେତା ତଥା ଏମ୍‌ପି ଅନୁଭବ ମହାନ୍ତି ଓ ସଂସ୍କୃତି ମନ୍ତ୍ରୀ ଅଶୋକ କୁମାର ପଣ୍ଡାଙ୍କ ସମେତ ଓଲିଉଡ କଳାକାରମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହିତ ମହୋତ୍ସବରେ ରାଜ୍ୟସ୍ତରୀୟ କଳାକାରମାନେ ଲୋକନୃତ୍ୟ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି।

### ● ମେଳା ପାଇଁ ଜନଶୁଣାଣି ଶିବିର ଫିକା

ବିଞ୍ଝାରପୁର ବ୍ଲକରେ ସୋମବାର ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର ଥିଲା। ମାତ୍ର ସ୍ଥାନୀୟ ଅଞ୍ଚଳରେ ହେଉଥିବା ପ୍ରସିଦ୍ଧ ବରୁଣେଶ୍ୱର ମେଳା ଯୋଗୁ ଶିବିରକୁ କମ୍ ସଂଖ୍ୟକ ଅଭିଯୋଗକାରୀ ଆସିଥିଲେ। ଫଳରେ ଜନଶୁଣାଣି ଶିବିର ଫିକା ପଡିଥିଲା। ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସମ୍ମିଳନୀ କକ୍ଷରେ ସୋମବାର ପୂର୍ବାହ୍ନରେ ଏହି ମିଳିତ ଜନଶୁଣାଣି ଆରମ୍ଭ ହୋଇଥିଲା। ଶିବିରକୁ ଜିଲାପାଳ ରଞ୍ଜନ କୁମାର ଦାସ ଓ ଜିଲା ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମୀନା ବିଳମ୍ବରେ ଆସିଥିଲେ ମଧ୍ୟ ଅଭିଯୋଗକାରୀଙ୍କ ସଂଖ୍ୟା ନଗଣ୍ୟ ରହିଥିଲା। ଶିବିରରେ ମୋଟ ୪୭ଟି ଅଭିଯୋଗ ଆସିଥିଲାବେଳେ ବ୍ୟକ୍ତିଗତ ୪୫ଟି ଅଭିଯୋଗ ଓ ୨ଟି ସାମୂହିକ ଅଭିଯୋଗ ରହିଥିଲା। ସେଥିରୁ ୧୭ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଶିବିରରେ ଅଧିକାଂଶ ହିତାଧିକାରୀ ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ୟା ପାଇଁ ଜିଲାପାଳଙ୍କ ନିକଟରେ ସାହାଯ୍ୟ ପାଇଁ ଗୁହାରୀ କରିଥିଲେ। ଶିବିରରେ ଜଣେ ହିତାଧିକାରୀଙ୍କୁ ୫ହଜାର ଟଙ୍କା ରେଡକ୍ରସ ପକ୍ଷରୁ ସହାୟତା ପ୍ରଦାନ କରାଯାଇଥିଲା। ମିଳିତ ଜନଶୁଣାଣି ଶିବିରରେ ଜିଲାପାଳ, ଏସ୍‌ପିଙ୍କ ସମେତ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ବ୍ଲକ ଅଧ୍ୟକ୍ଷ ନନ୍ଦ କିଶୋର ସାମଲ, ବିଡିଓ ଦାମୋଦର ଖୁଣ୍ଟିଆ, ଉପାଧ୍ୟକ୍ଷା କୁମୁଦିନୀ ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

### ● ପ୍ରଶାସନ ପକ୍ଷରୁ ପ୍ରସ୍ତୁତି

ମେଳାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଆଗମନ ଦୃଷ୍ଟିରୁ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିବା ଦେଖିବାକୁ ମିଳିଛି। ପୋଲିସ ପକ୍ଷରୁ ଚିକଣା-ମେଳା ପଡିଆ, ମଇଁନ୍ଦା-ମେଳା ପଡିଆ, ଅରେଇ ଛକ- ମେଳା ପଡିଆରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଅତିରିକ୍ତ ଏସ୍‌ପି ଅକ୍ଷୟ ଦାସ ଓ ଅଲେଖ ପହିଙ୍କ ନେତୃତ୍ୱରେ ଜଣେ ଡିଏସପି, ୬ଜଣ ଇନ୍ସପେକ୍ଟର, ୨୪ଜଣ ଏସଆଇ, ୨୬ଜଣ ଏଏସଆଇ, ୬ପ୍ଲାଟୁନ ଫୋର୍ସ, ୫୦ଜଣ ଓଏସ୍‌ପି ଫୋର୍ସ, ୧୨୦ଜଣ ହୋମଗାର୍ଡ ଆଇନଶୃଙ୍ଖଳା ନିରୀକ୍ଷଣ କରୁଥିବା ଜଣାପଡ଼ିଛି। ସେହିପରି ଅଗ୍ନିଶମ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବେଳେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଅସ୍ଥାୟୀ ଚିକିତ୍ସା ଶିବିର କରାଯାଇ ୨୪ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଥିବା ଜଣାପଡିଛି।

## ଲୋକ ଅଧିକ, ବେପାର ମାନ୍ଦା

ପ୍ରଥମ ଦିନରେ ମେଳା ପଡିଆରେ ୫୦ହଜାରରୁ ଊର୍ଦ୍ଧ୍ୱ ଭକ୍ତଯୋଗ ଦେଇଥିବା ବେଳେ ବ୍ୟବସାୟ କିନ୍ତୁ ମାନ୍ଦା ପଡିଥିଲା। ସଂକ୍ରାନ୍ତି ଥିବାରୁ ଶ୍ରଦ୍ଧାଳୁମାନେ ପିଆଜ, ରସୁଣ ଓ ଆମିଷ ଖାଇ ନ ଥିଲେ। ଫଳରେ ଚାଟ, ଫାଷ୍ଟଫୁଡ ଆଦି ବ୍ୟବସାୟୀମାନେ ହାତବାନ୍ଧି ବସିଥିଲେ। ଏଥିସହିତ ଅଧିକାଂଶ ଷ୍ଟଲ ଖୋଲି ନ ଥିବା ଦେଖିବାକୁ ମିଳିଥିବା ବେଳେ ମେଳା ଆହୁରି ୯ଦିନ ବାକି ଥିବାରୁ ବେପାର ଜମିବ ବୋଲି ବ୍ୟବସାୟୀମାନେ ଆଶା କରୁଛନ୍ତି।

## ଅଖିଳଚକ୍ରର ସାରସ୍ୱତ ସମାରୋହ, ପ୍ରତିଭା ସମ୍ମାନ

ଜିଲାର ଜଣାଶୁଣା ସାରସ୍ୱତ ସଂଗଠନ ଅଖିଳଚକ୍ର ତା'ର ସାରସ୍ୱତ ସମାରୋହ ଓ ପ୍ରତିଭା ସମ୍ମାନ ଉତ୍ସବକୁ ବେଶ ଜାକଜକମରେ ପାଳନ କରିଥିଲା। ଏହି ସାରସ୍ୱତ ଉତ୍ସବକୁ ଜିଲାପାଳ ରଞ୍ଜନ କୁମାର ଦାସ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ପ୍ରାରମ୍ଭରେ ଦିନେଶ ମଲ୍ଲିକ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଉତ୍ସବରେ ଜିଲାପାଳ ରଞ୍ଜନ କୁମାର ଦାସ, ଗାଳ୍ପିକ ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, କବି ରବୀନ୍ଦ୍ର କୁମାର ପାଢୀ, ରୁଦ୍ର ନାରାୟଣ ପୃଷ୍ଟି, ବାଦଲ ଆଚାର୍ଯ୍ୟ, ପ୍ରଫୁଲ୍ଲ ଚନ୍ଦ୍ର ସାମଲ, ଖବରଦାତା ଅନିରୁଦ୍ଧ ସାମନ୍ତରାୟ, କବୟିତ୍ରୀ ଅନୀତା ରାୟ, ସୁପ୍ରକାଶ ଶତପଥୀ, ରୋଜିନା ମିଶ୍ର, ଭବାନୀ ପ୍ରସାଦ ନାୟକ, ସରୋଜ କୁମାର ମଲ୍ଲିକ, ନିରଞ୍ଜନ ସାହୁ, ପ୍ରଦୀପ କୁମାର ଜେନା, ପ୍ରଭାକର ସାହୁଙ୍କୁ ସେମାନଙ୍କ ପ୍ରତିଭା ନିମନ୍ତେ ଅଖିଳଚକ୍ର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଗାଳ୍ପିକ ଫକୀର ଚରଣ ନାୟକଙ୍କ ରଚିତ ପୁସ୍ତକ 'ବିଦୀର୍ଣ୍ଣ ବସୁଧା' ଓ ନବକିଶୋର ସାମଲଙ୍କ ପୁସ୍ତକ 'ନବପଲ୍ଲବ'କୁ ଉନ୍ମୋଚିତ କରାଯାଇଥିଲା। ଉତ୍ସବରେ ବିଧାୟିକା ପ୍ରମିଳା ମଲ୍ଲିକ, ବ୍ଲକ ଅଧ୍ୟକ୍ଷ ନନ୍ଦ କିଶୋର ସାମଲ, କବୟିତ୍ରୀ ମମତା ଦାସ, ଓଡିଶା ସାହିତ୍ୟ ଏକାଡେମୀର ରମାକାନ୍ତ ଜେନା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ହରେକୃଷ୍ଣ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସାମାଜିକ କର୍ମୀ ରବୀନ୍ଦ୍ର ପରିଡା ମଞ୍ଚ ପରିଚାଳନା କରିଥିଲେ। କବି ତଥା ପ୍ରଫେସର ଶ୍ରୀହରି ଧଳ ସଭାପତିତ୍ୱ କରିଥିଲେ।




ସାରସ୍ୱତ ସମାରୋହରେ ମଞ୍ଚାସୀନ ଅତିଥି।

### ବାଲୁକା କଳାକୃତି ସହ ସେଲ୍ଫି ମଜା

ମକରସଂକ୍ରାନ୍ତି ଅବସରରେ ପ୍ରତିବର୍ଷ ଭଳି ଚଳିତ ଥର ମଧ୍ୟ ବାଲୁକା କଳା ପ୍ରଦର୍ଶନ କରାଯାଇଥିଲା। ଶିଳ୍ପୀ ପ୍ରଶାନ୍ତ ରାଉତ ଚଳିତବର୍ଷ ବରୁଣେଶ୍ୱର ମନ୍ଦିର ଉପରେ ବାଲୁକା କଳା ପ୍ରଦର୍ଶନ କରିଥିଲେ। ସ୍ଥାନୀୟ କପିଳା ଅଞ୍ଚଳର ଏହି ବାଲୁକା ଶିଳ୍ପୀ ପୁରାତନ ସମୟରେ ବରୁଣେଶ୍ୱର ମନ୍ଦିର ଓ ମେଳା କିପରି ଥିଲା, ସେ ସମ୍ପର୍କରେ ଅତି ନିଖୁଣ ଭାବେ ବାଲୁକାରେ ପ୍ରଦର୍ଶନ କରିଥିଲେ । ହଜାର ହଜାର ଶ୍ରଦ୍ଧାଳୁ ବାଲୁକା କଳା ଦେଖି ଆଚମ୍ବିତ ହେବା ସହ ସେଲ୍ଫିର ମଜା ନେଇ ଥିଲେ।




ପବିତ୍ର ମକରସଂକ୍ରାନ୍ତି ଓ ନୂଆବର୍ଷ ଅବସରରେ ବିଞ୍ଝାରପୁର ବ୍ଲକ୍‌ର ସମସ୍ତ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।

ସୁଷମା ସେଠୀ
ଜିଲ୍ଲା ପରିଷଦ ସଭ୍ୟା
ଜୋନ୍ ନଂ. ୨୮
ବିଞ୍ଝାରପୁର

ପବିତ୍ର ମକରସଂକ୍ରାନ୍ତି ଓ ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକ୍‌ର ସମସ୍ତ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।

ରଞ୍ଜନ କୁମାର ଜେନା
ସମ୍ପାଦକ, ଯୁବ ବିଜେଡି
ବିଞ୍ଝାରପୁର

ପବିତ୍ର ମକରସଂକ୍ରାନ୍ତି ଓ ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକ୍‌ର ସମସ୍ତ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।

ଇଂ. ସୁଶାନ୍ତ କୁମାର ମିଶ୍ର
ଜିଲ୍ଲା ପରିଷଦ ସଭ୍ୟ
ବିଞ୍ଝାରପୁର ଜୋନ୍ ନଂ. ୨୫
ବିଞ୍ଝାରପୁର

ପବିତ୍ର ମକରସଂକ୍ରାନ୍ତି ଓ ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକ୍‌ର ସମସ୍ତ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।
ଲେନିନ୍ କୁମାର ଦାସ
ଛାତ୍ରନେତା ବିଜେଡି
ବିଞ୍ଝାରପୁର


ପବିତ୍ର ମକରସଂକ୍ରାନ୍ତି ଓ ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକ୍‌ର ସମସ୍ତ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।

ଦିଲ୍ଲୀପ କୁମାର ରାଉଳ
ପୂର୍ବତନ ସରପଞ୍ଚ, ଯୁବ ସଂଗଠକ
ମାଁସଡା ଗ୍ରା.ପ., ବିଞ୍ଝାରପୁର

ପବିତ୍ର ମକରସଂକ୍ରାନ୍ତି ଓ ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକ୍‌ର ସମସ୍ତ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।

ଜିତେନ୍ଦ୍ର କୁମାର ପ୍ରଧାନ
ସଭାପତି
ଛାତ୍ର ବିଜେଡି, ବିଞ୍ଝାରପୁର

ପବିତ୍ର ମକରସଂକ୍ରାନ୍ତି ଓ ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକ୍‌ର ସମସ୍ତ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।

ଅମୀୟ କୁମାର ସେଠୀ
କନିଷ୍ଠ କିରାଣୀ
ଆଞ୍ଚଳିକ ବଳଦେବଜୀଉ ମହିଳା ଡିଗ୍ରୀ କଲେଜ,
ଅଳକୁଣ୍ଡ, ବିଞ୍ଝାରପୁର

ପବିତ୍ର ମକରସଂକ୍ରାନ୍ତି ଓ ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକ୍‌ର ସମସ୍ତ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।

ଦେବାନନ୍ଦ ଧଳ
ଅଧ୍ୟାପକ, ଇଂରାଜୀ ବିଭାଗ
ଆଞ୍ଚଳିକ ବଳଦେବଜୀଉ ମହିଳା ଡିଗ୍ରୀ
କଲେଜ, ଅଳକୁଣ୍ଡ, ବିଞ୍ଝାରପୁର

ପବିତ୍ର ମକରସଂକ୍ରାନ୍ତି ଓ ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକ୍‌ର ସମସ୍ତ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।

ଶ୍ରୀମତୀ କୁମୁଦିନୀ ଦାସ
ଉପାଧ୍ୟକ୍ଷା
ବିଞ୍ଝାରପୁର ପଞ୍ଚାୟତ ସମିତି, ବିଞ୍ଝାରପୁର

ପବିତ୍ର ମକରସଂକ୍ରାନ୍ତି ଓ ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକ୍‌ର ସମସ୍ତ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।
ସମୀର ମଲ୍ଲିକ
ସମ୍ପାଦକ
ଖରିଆ ପ୍ରାଥମିକ କୃଷି ସମବାୟ ସମିତି,
ମାଁସଡା, ବିଞ୍ଝାରପୁର


## ସଂକ୍ଷେପରେ

### ୨ ବାଇକ୍ ଧକ୍କା, ୫ ଗୁରୁତର

ମାର୍ଶାଘାଇ, ୧୪।୧ (ଡି.ଏନ୍.ଏ.): ମାର୍ଶାଘାଇ- ଜମ୍ବୁ କେନାଲ ରାସ୍ତାର ମାର୍ଶାଘାଇ ଯକ୍ଷ ମଠ ରାସ୍ତାରେ ସୋମବାର ଅପରାହ୍ନରେ ୨ ବାଇକ୍ ଧକ୍କା ହେବା ଫଳରେ ୫ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗରଜଙ୍ଗା ପଞ୍ଚାୟତ ବଡ଼ପାଳଡ଼ିଆ ଗ୍ରାମର ସାନ୍ତନୁ ନାୟକ (୩୨), ଶୈଳେନ୍ଦ୍ର ନାୟକ (୩୮), ତୁଳସୀପୁର ଗ୍ରାମର ବୁଲୁ ମଳିକ (୪୧), ନାଲୁଆ ଜେନା(୨୫) ଓ ଅକ୍ଷୟ ଯେନା(୩୦)। ଗୁରୁତର ଅବସ୍ଥାରେ ସେମାନଙ୍କୁ ପ୍ରଥମେ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ୪ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ମାଟିଘର ସାହିତ୍ୟ ସଂସଦ ବାର୍ଷିକ ଉତ୍ସବ ପ୍ରସ୍ତୁତି



ରାହାମା,୧୪।୧(ଡି.ଏନ.ଏ.): କୁଜଙ୍ଗ ବ୍ଲକ ରାହାମା ତେରମାଣପୁରସ୍ଥିତ ନୃସିଂହ ଗାଦୀଠାରେ ମାଟିଘର ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ନିମନ୍ତେ ଏକ ଚୁଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଅନୁଷ୍ଠାନର ସଭାପତି ଡ. କ୍ଷୀରୋଦ କୁମାର ଓଝା ସଭାପତିତ୍ୱ କରିଥିଲେ। ସମ୍ପାଦକ ବିଷ୍ଣୁପ୍ରସାଦ ସେଠୀ ବିବରଣୀ ପାଠ କରିବା ସହିତ ବୈଠକର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ସର୍ବଶ୍ରୀ ଅଧିକାରୀ ରମାକାନ୍ତ ଦାସ, ଲେଖକ ତଥା କଣ୍ଠଶିଳ୍ପୀ ବିଜୟ କୁମାର ମୁଦୁଲି, ଖବରଦାତା ଶ୍ରୀକାନ୍ତ ଦାସ, ବିଭୂତି ଭୂଷଣ ଦାସ, ନୃସିଂହ ବାରିକ, ମାନସ ମହାନ୍ତି, ରଞ୍ଜନ ଖୁଣ୍ଟିଆ, କାଶିନାଥ ସାହୁ, ରବୀନ୍ଦ୍ର ସାହୁ, ଶିକ୍ଷକ ବିନୋଦ ମୁଦୁଲି, ଧିରେନ୍ଦ୍ର ବେହେରା, ସୁଯୁକ୍ତା ସାହୁ, କାଦମ୍ବିନୀ ଦାସ, ଇନ୍ଦୁପ୍ରଭା ବିଶ୍ୱାଳ, ବନମାଳୀ ତ୍ରିପାଠୀ, ଗୀତାଞ୍ଜଳି ସେନାପତି ପ୍ରମୁଖ ଉପସ୍ଥିତ ରହି ଉତ୍ସବର ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। କାଶୀନାଥ ସାହୁ ଧନ୍ୟବାଦ ଦେଇଥିଲେ।

### ଦେବଦତ୍ତ ମେମୋରିଆଲ କ୍ରିକେଟ ଭିତର ଅନ୍ଧାରୀ ବିଜୟୀ

ଏରସମା,୧୪।୧(ସ୍ୱ.ପ୍ର.): ଏରସମା ବ୍ଲକ ଭିତର ଅନ୍ଧାରୀ ପଞ୍ଚାୟତର ଗୁଆମଣ୍ଡା ଗ୍ରାମରେ ସୋମବାର ଦେବଦତ୍ତ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଜୟ ଜଟବାବା ୟୁଥ କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟକୁ ଯୁବ ବିଜେଡି ନେତା ଶଶିକାନ୍ତ ପରିଡ଼ା ଉଦ୍‌ଘାଟନ କରିଥିଲେ। କ୍ଲବ ସଭାପତି ନିହାର ରଞ୍ଜନ ମହାନ୍ତି ଅଧକ୍ଷତା କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ କଙ୍କରଦିଆର ରାମଚଣ୍ଡୀ କ୍ରିକେଟ ଟିମ୍ ଓ ଭିତର ଅନ୍ଧାରୀ କ୍ରିକେଟ ଟିମ୍ ମଧରେ ହୋଇଥିଲା। କଙ୍କରଦିଆ ଟସ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଭିତର ଅନ୍ଧାରୀ ନିର୍ଦ୍ଧାରିତ ୧୫ ଓଭରରେ ୧୧୫ ରନ କରିଥିଲା। ଜବାବରେ କଙ୍କରଦିଆ ୧୩ ଓଭର ଖେଳି ୭୮ ରନ କରି ପରାଜିତ ହୋଇଥିଲା। ପ୍ରଶାନ୍ତ କୁମାର ମହାନ୍ତି ଓ ଅମର କୁମାର ପ୍ରଧାନ ଖେଳ ପରିଚାଳନା କରିଥିଲେ।

### ବିଭିନ୍ନ ସ୍ଥାନରେ ମକର ମେଳା

ନାଉଗାଁ,୧୪।୧(ସ୍ୱ.ପ୍ର.): ନାଉଗାଁ ବ୍ଲକର ବିଭିନ୍ନ ସ୍ଥାନରେ ମକର ମେଳା ଅନୁଷ୍ଠିତ ହୋଇଛି। ତିରୁଣାର ସୁବର୍ଣ୍ଣେଶ୍ୱର ମହାଦେବ, ନନ୍ଦିଗ୍ରାମର ସାଧୁଗୋସ୍ୱାମୀ, ଗଙ୍ଗଦାର ବାବାଜୀ ଗୋସ୍ୱାମୀ, ମୁଗେଇର ମା' ମୁଗେଇ ଠାକୁରାଣୀଙ୍କ ପୀଠରେ ଏହି ମେଳା ଅବସରରେ ପ୍ରବଳ ଜନସମାଗମ ହୋଇଛି। ମୁଗେଇ ମକର ମେଳାରେ ଘୋଡାଂଶ, ହରିଶପୁର, ମୁଗେଇ, ଓଡ଼ପଏଙ୍ଗାରୁ ୫ ଦୋଳ ଆସି ମିଳିତ ହୋଇଥିଲେ। ଏହି ମେଳା ଅବସରରେ ୫ଦିନ ବ୍ୟାପୀ ପାଲା ପରିବେଷଣ ହେବ। ମକର ପାଇଁ ପ୍ରତି ଘରେ ଛେନା, ନଡ଼ିଆ, ଅରୁଆ ଚାଉଳ, କଦଳି ଆଦି ମିଶାଇ ମକର ଚାଉଳ ପ୍ରସ୍ତୁତ କରାଯାଇ ଠାକୁରଙ୍କ ପାଖରେ ପୂଜା କରାଯାଇଥିଲା। ମକର ସଂକ୍ରାନ୍ତି ପାଇଁ ଦେବାଳୟଗୁଡ଼ିକରେ ମଧ ଭିଡ଼ ହୋଇଥିଲା। ପ୍ରତ୍ୟେକ ଦେବାଳୟରେ ମଧ ମକର ଚାଉଳ ପ୍ରସ୍ତୁତ ହୋଇଥିଲା।

■ ଜଗତ୍‌ସିଂହପୁର ଜିଲାରେ ଚକ ପ୍ରସ୍ତୁତିରେ ନିୟମ ଖିଲାପ

# ଜମି ମଡ଼ାଣ କରିବାକୁ ଷଡ଼ଯନ୍ତ୍ର

ଜଗତ୍‌ସିଂହପୁର ଅଫିସ,୧୪।୧

■ ଉଲ୍ଲଘଂନ ହେଉଛି ଚକବନ୍ଦୀ ନିୟମ
■ ଜମି ମାଲିକଙ୍କ ମଧରେ ଉତ୍ତେଜନା

ଜଗତ୍‌ସିଂହପୁର ଜିଲାରେ ଚକ ପ୍ରସ୍ତୁତିରେ ବ୍ୟାପକ ତ୍ରୁଟି ହୋଇଥିବା ଅଭିଯୋଗ ହୋଇଛି। ଚକବନ୍ଦୀ କର୍ମଚାରୀ, ଜମି ଦଲାଲ ଓ କେତେକ ମୁଷ୍ଟିମେୟ ଜମି ମାଲିକ ସଲାସୁତୁରା ହୋଇ ମୂଲ୍ୟବାନ ଜମି ହାତେଇ ନେଇଥିବାବେଳେ ଅଧିକାଂଶ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ନାଉଗାଁ ବ୍ଲକ ଗଳଧାରୀ ପଞ୍ଚାୟତ ଏରଡ଼ା ମୌଜାରେ ଏହାର ଦୃଷ୍ଟାନ୍ତ ଦେଖିବାକୁ ମିଳିଛି। ଏହାକୁ ନେଇ ଅସନ୍ତୋଷ ଥମି ନ ଥିବା ବେଳେ ଏବେ ପୁଣି ଚକ ମଡାଣ ପାଇଁ ଷଡ଼ଯନ୍ତ୍ର ଚାଲିଛି। ତେବେ କୌଣସି ପରିସ୍ଥିତିରେ ଚକ ମଡାଣ କରାଇ ଦିଆଯିବନାହିଁ ବୋଲି ଅଧିକାଂଶ ଜମି ମାଲିକ ଚେତାବନୀ ଦେଇଛନ୍ତି।

ସାଧାରଣତଃ ମୃତ୍ତିକାର ପ୍ରକାର ଓ କିସମକୁ ଅନୁଧ୍ୟାନ କରି ଜମିର ମୂଲ୍ୟ ନିରୂପଣ କରାଯାଏ। ସମ୍ପୃକ୍ତ ଅଞ୍ଚଳର ସେଟଲମେଣ୍ଟ ରିପୋର୍ଟ, ଅନ୍ୟ ମାଧ୍ୟମରେ ସଂଗୃହୀତ ତଥ୍ୟ, ମାଟିର ଉତ୍ପାଦିକା ଶକ୍ତିକୁ ବିଚାରକୁ ନେଇ ଶ୍ରେଣୀ ବିଭାଗ କରାଯାଇ ଚକ ପ୍ରସ୍ତୁତି କଥା ଚିନ୍ତା କରାଯାଏ। ଜମିର ଅବସ୍ଥିତି, ଭୂମି ମାଲିକଙ୍କ ମନୋନୟନ ଓ ଅନ୍ୟାନ୍ୟ ପାରିପାର୍ଶ୍ୱିକ ଅବସ୍ଥାକୁ ବିଚାରକୁ ନେଇ ଚକ ଦେବାର ନିୟମ ରହିଛି। ଚକ ଦେବା ସମୟରେ ଯେପରି କୌଣସି ଆଇନ ଖିଲାପ କରା ନ ଯାଏ ଓ ଜମି ମାଲିକଙ୍କ ସ୍ୱାର୍ଥହାନୀ ନ ଘଟେ ସେଥିପ୍ରତି ଗୁରୁତ୍ୱ ଦିଆଯାଏ। ବଡ଼ କଥା ହେଲା ସବୁ କ୍ଷେତ୍ରରେ ଭୂମିମାଲିକଙ୍କୁ ତାଙ୍କ ଖାତାର ବେଶି ଜମି ଥିବା ସ୍ଥାନରେ ଚକ ଦେବା ନୀତି ଅନୁସରଣ କରାଯିବା କଥା। କୌଣସି ଭୂମିମାଲିକଙ୍କ ସମସ୍ତ ଜମି ଗୋଟିଏ ସ୍ଥାନରେ ଥିଲେ ସେଠାରେ ତାଙ୍କୁ ଚକ ଦେବାରେ ତ୍ରୁଟି କରାଯିବା କଥା ନୁହେଁ। ଚକ ନିର୍ଦ୍ଧାରଣ କରିବା ପାଇଁ ସହାୟକ ଚକବନ୍ଦୀ ଅଧିକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେ ଧାର୍ଯ୍ୟ ତାରିଖ ତଥା ଅନ୍ୟ କାର୍ଯ୍ୟ ଦିବସରେ ମୌଜାକୁ ଯାଇ ଭୂମିମାଲିକଙ୍କୁ ଏକତ୍ର କରି ସେମାନଙ୍କ ମନୋନୀତି ଚକ ବିଷୟ ବୁଝିବେ। ଚକ ବଣ୍ଟନ ସେକ୍ଟରୱାରୀ କରାଯିବ। ଭୂମିମାଲିକଙ୍କ ଚକ ଚୟନ ପାଇଁ ପୂର୍ଣ୍ଣ ସୁଯୋଗ ଦିଆଯିବ। ଭୂମି ମାଲିକଙ୍କୁ କୌଣସି ୟୁନିଟ୍‌ରେ ୩ ଚକରୁ ଅଧିକ ସ୍ଥାନରେ ଜମି ଦିଆଯିବ ନାହିଁ। କିନ୍ତୁ ମୌଜାର ୭୫% ଭୂମିମାଲିକ ଯଦି ଗୋଟିଏ ଚକରେ ଜମି ପାଇପାରନ୍ତି, ତେବେ ତାହା ଆଦର୍ଶ ଚକବନ୍ଦୀ ଯୋଜନା ବୋଲି ସ୍ୱୀକାର କରାଯାଇପାରେ। ସେହିପରି ୨ ଚକ ଓ ୩ ଚକରେ ଜମି ପାଇବା ଭୂମିମାଲିକଙ୍କ ସଂଖ୍ୟା ଯେପରି ଯଥାକ୍ରମେ ଶତକଡ଼ା ୨୦ ଓ ୫ ଭାଗରୁ ଅଧିକ ନ ହୁଏ, ସେଥିପ୍ରତି ଦୃଷ୍ଟି ଦେବାକୁ ଚକବନ୍ଦୀ ଆଇନରେ ଉଲ୍ଲେଖ କରାଯାଇଛି। କିନ୍ତୁ ସରକାରଙ୍କ ଏହି ନୀତି, ନିୟମ ପାଣିର ଗାର ହୋଇଛି। ଯେଉଁମାନଙ୍କ ଘର ଆଖପାଖରେ ଅଧିକ ଜମି ରହିଛି ସେମାନଙ୍କୁ ସେ ସ୍ଥାନରେ ଚକ ଦିଆଯାଇନାହିଁ। ଏପରି କି ଉର୍ବର ଜମିର ମୂଲ୍ୟ କମ ଓ ଅନୁର୍ବର ମୂଲ୍ୟ ଅଧିକ କରାଯାଇଛି। ଜଳ ସେଚନ ସୁବିଧା ଥିବା ଜମିକୁ ଏକତ୍ରିତକରଣ କରାଯାଇ ସେଠାରେ ଚକ ଦିଆଯିବା ପରିବର୍ତ୍ତେ ଅନ୍ୟ ସ୍ଥାନରେ ଦିଆଯାଇଛି। ଚକରେ ଜମିମାଲିକଙ୍କ ଜମି ପରିମାଣ ବିଭିନ୍ନ ଆଳ ଦେଖାଇ କମ୍ ବେଶି କରାଯାଇଛି। ବାସ୍ତବରେ ଚକ ପ୍ରସ୍ତୁତ ସମୟରେ ଅଧିକାଂଶ ଜମି ମାଲିକଙ୍କ ମତାମତ ନିଆଯାଇନାହିଁ। ଏଭଳି ତ୍ରୁଟି ପ୍ରଥମେ ଅନେକଙ୍କ ଦୃଷ୍ଟିକୁ ଆସି ନ ଥିଲା। ପରବର୍ତ୍ତୀ ସମୟରେ ଜଣାପଡିବା ପରେ ଅସନ୍ତୋଷ ତୀବ୍ର ହୋଇଥିଲା। ସମ୍ଭାବ୍ୟ ପରିସ୍ଥିତିକୁ ଦେଖି ଚକ ମଡାଣ କରାଯିବା ସମ୍ଭବ ହୋଇ ନ ଥିଲା। ଇତିମଧ୍ୟରେ ୧୫ ବର୍ଷ ଅତିକ୍ରାନ୍ତ ହୋଇଗଲାଣି। ଦୀର୍ଘ ଦିନ ନୀରବତା ପରେ ଏବେ ପୁଣି ଚକ ମଡାଣ ପାଇଁ ଉଦ୍ୟମ ଆରମ୍ଭ ହେଉଛି। ହାତଗଣତି କେତେଜଣ ମୁଷ୍ଟିମେୟ ଜମି ମାଲିକ ବିଭାଗୀୟ ଅଧିକାରୀଙ୍କ ସହ ସଲାସୁତୁରାରେ ଚକ ମଡାଣ ପାଇଁ ଷଡ଼ଯନ୍ତ୍ର ରଚୁଥିବା ଆଲୋଚନା ହେଉଛି। ଏହାକୁ ନେଇ ପୁଣି ଏରଡ଼ା ମୌଜାରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଜିଲା ପ୍ରଶାସନ ଏହାକୁ ଗୁରୁତର ସହ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କଲେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବା ସମ୍ଭାବନା ରହିଛି।



ଅବସରପ୍ରାପ୍ତ କର୍ମଚାରୀ ସଂଘ ଅଧିବେଶନରେ ଉପସ୍ଥିତ କର୍ମକର୍ତ୍ତା ଓ ସଦସ୍ୟ।

## ଅବସରପ୍ରାପ୍ତ କର୍ମଚାରୀ ସଂଘ ଅଧିବେଶନ

ବାଲିଆ,୧୪।୧

ବିରିଡି ବ୍ଲକ ୨୨ମୌଜାର ସିଦ୍ଧେଶ୍ୱର ପୀଠ ହନୁମାନ ମନ୍ଦିର ପ୍ରାଙ୍ଗଣରେ ସୋମବାର ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା ଇଞ୍ଜିନିୟର୍ସ ଆସୋସିଏଶନର ପ୍ରାକ୍ତନ ସାଧାରଣ ସମ୍ପାଦକ ଦର୍ପନାରାୟଣ ଦାସ ସଭାପତିତ୍ୱ କରିଥିଲେ। ୨୨ମୌଜା ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି କସ୍ତୁରୀ ବେହେରା ସ୍ୱାଗତ ଭାଷଣ ଓ ସମ୍ପାଦକ ସୁଦର୍ଶନ ଭୋଇ ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ବ୍ରଜ କିଶୋର ଦାସ ଆୟବ୍ୟୟ ହିସାବ ଉପସ୍ଥାପନ କରିଥିଲେ। ସଂଘରେ ନୂତନ ଭାବେ ଯୋଗଦେଇଥିବା ପୂର୍ବତନ ବିଧାୟକ କୈଳାସ ମଲ୍ଲିକ, ସଚ୍ଚିଦାନନ୍ଦ ଦାଶ, କୁନ ଭୋଇଙ୍କୁ ସ୍ୱାଗତ କରାଯାଇଥିଲା। ସଭ୍ୟ ଅରୁଣ ଦାସ ୨୨ ମୌଜାରେ ଏକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା କରିବା ଦିଗରେ ସଂଘ ଉଦ୍ୟମ କରିବାକୁ ପ୍ରସ୍ତାବ ଦେଇଥିଲେ। ଏଥିସହ ବିଦ୍ୟୁତ୍ ସମସ୍ୟାର ସମାଧାନ, ଚାଷୀଙ୍କ ପାଇଁ ଜଳସେଚନ ବ୍ୟବସ୍ଥା ଓ ଗ୍ରାମାଞ୍ଚଳର ରାସ୍ତାଘାଟ ମରାମତି ପାଇଁ ଜିଲାପାଳଙ୍କୁ ଭେଟିବାକୁ କହିଥିଲେ। ଏଥିରେ ଅନ୍ୟମାନେ ସମ୍ମତି ପ୍ରକାଶ କରିଥିଲେ। ପ୍ରାକ୍ତନ ସଭାପତି ନୃସିଂହ ଚରଣ ଜେନା, ବ୍ରଜ କିଶୋର ଦାସ, ବସନ୍ତ ଦାସ, ବସନ୍ତ କୁମାର ମହାନ୍ତି, କୃଷ୍ଣଚନ୍ଦ୍ର ଭୋଇ, ବୀରବର ଭୋଇ, ଶରତ କୁମାର ଦାଶ ପ୍ରମୁଖ ଯୋଗ ଦେଇଥିଲେ।



କ୍ରୀଡ଼ା ପ୍ରତିଯୋଗିତାରେ ଚାମ୍ପିୟନ୍ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

## ସ୍ୱାମୀ ଅରୂପାନନ୍ଦ ଡିଗ୍ରୀ କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ରଘୁନାଥପୁର, ୧୪।୧( ଡି.ଏନ.ଏ.)

ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ ଡିଗ୍ରୀ କଲେଜ ପକ୍ଷରୁ ଅନୁଷ୍ଠିତ ହେଉଥିବା ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଦିଲୀପ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ସ୍ଥାନୀୟ ସରପଞ୍ଚ ଜାନକୀ ବଲ୍ଲଭ ସ୍ୱାଇଁ ଅତିଥି ଭାବେ ଯୋଗଦେଇଥିଲେ। ସେ କହିଥିଲେ ଯେ, ଶାରୀରିକ ଫୁର୍ତ୍ତି ପାଇଁ ମାନସିକ ସ୍ତରରେ ଦୃଢ଼ ହେବାକୁ ହେଲେ ଛାତ୍ରୀଛାତ୍ରଙ୍କ ପାଇଁ କ୍ରୀଡା ଏକାନ୍ତ ଜରୁରୀ। ଅଧକ୍ଷ ମହାନ୍ତି ଶିକ୍ଷା ସହ କ୍ରୀଡା ଅଙ୍ଗାଙ୍ଗୀ ଭାବେ ଜଡିତ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ଓ ବାଳିକା ବିଭାଗର ଚାମ୍ପିୟନକୁ ସିଲ୍ଡ ଓ ମାନପତ୍ର ପ୍ରଦାନ କରାଯାଇଥିଲା। କ୍ରୀଡା ଉତ୍ସବ ଦାୟିତ୍ୱରେ ଥିବା ଶୁଭ୍ର ସଲିଳା ପ୍ରିୟଦର୍ଶିନୀ ସଭା ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ବିଶ୍ୱାଳି ହାଇସ୍କୁଲର ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ

କୁଜଙ୍ଗ,୧୪।୧(ସ୍ୱ.ପ୍ର.)

କୁଜଙ୍ଗ ବ୍ଲକ ବିଶ୍ୱାଳିସ୍ଥିତ ବାବା ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ ହୋଇଛି। ରୌପ୍ୟ ଜୟନ୍ତୀ କମିଟି ସଭାପତି ମାନଭଞ୍ଜନ ମଲ୍ଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ କଂଗ୍ରେସ ନେତା ବାପି ସର୍ଖେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ସାମାଜିକ କର୍ମୀ ନୀଳାଦ୍ରୀ ବିହାରୀ ମହାନ୍ତି ମୁଖ୍ୟବକ୍ତା, କଂଗ୍ରେସ ନେତା ଲଲାଟେନ୍ଦୁ ମହାପାତ୍ର, କୋଠିର ଯୁବ ସାମାଜିକ କର୍ମୀ କର୍ଣ୍ଣରାଜ ସ୍ୱାଇଁ, ବାଗୋଇ ସରପଞ୍ଚ ଅଧିର ପ୍ରଧାନ, କଂଗ୍ରେସ ନେତା ବିଭୂତି ଭୂଷଣ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଭିନେତ୍ରୀ ରିୟା ଯୋଗଦେଇ ତାଙ୍କ ସଂଳାପ ଦ୍ୱାରା ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ପ୍ରବୀର ରାଉତ ବିବରଣୀ ପାଠ କରିଥିଲେ। ସମ୍ପାଦକ ନୃସିଂହ ସାମଲ ଧନ୍ୟବାଦ ଦେଇଥିଲେ।

## ପୁରୁଣାବସନ୍ତରେ ଖୋଲିଲା ଧାନମଣ୍ଡି



ଅତିଥି ଧାନମଣ୍ଡି ଉଦ୍‌ଘାଟନ କରୁଛନ୍ତି।

ରଘୁନାଥପୁର, ୧୪।୧( ଡି.ଏନ.ଏ.)

ରଘୁନାଥପୁର ବ୍ଲକ ପୁରୁଣାବସନ୍ତ ପଞ୍ଚାୟତ କୃଷି ସମବାୟ ସମିତି ପକ୍ଷରୁ ଦେଉଳିସାହି ହାଟରେ ଧାନମଣ୍ଡିର ଶୁଭାରମ୍ଭ ହୋଇଛି। ସମିତିର ସମ୍ପାଦକ ଗଣେଶ୍ୱର ସାହୁ ଓ ସହସମ୍ପାଦକ ବିଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ସରପଞ୍ଚ ଚନ୍ଦନା ମହାନ୍ତି, ସମିତିସଭ୍ୟା ନିଲୁବାଳା ମହାନ୍ତି ଓ ସମିତିର ସଭାପତି ସରୋଜ କୁମାର ସାହୁ ନଡିଆ ବାଡେଇ ଅନୁକୂଳ କରିଥିଲେ। କ୍ରୟ କମିଟିର ସଭ୍ୟ ଚୈତନ୍ୟ ଚରଣ ଦାସ, ବସନ୍ତ କୁମାର ଦ୍ୱିବେଦୀ, ତୁଳସୀ ସାହୁ ଓ ତୁଷାରକାନ୍ତ ଭୋଳ ପ୍ରମୁଖ ଉପସ୍ଥିତ ରହି ଠିକ୍ ମାନର ଧାନ ଆଣିବାକୁ ଚାଷୀଙ୍କୁ ପରାମର୍ଶ ରଖିଥିଲେ। ବୋର୍ଡ ଡାଇରେକ୍ଟର ମୁରଲୀଧର ସ୍ୱାଇଁ, ପୀତାମ୍ବର ପାତ୍ର, ଭଗବାନ ବିଶ୍ୱାଳ, ହେମନ୍ତ ବିଶ୍ୱାଳ, ବିଭୂତି ଭୂଷଣ ରାଉତ, ପ୍ରଦୀପ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଫକୀର ମୋହନ ଲାଇବ୍ରେରିର ମକର ମିଳନ

ନାଉଗାଁ,୧୪।୧(ସ୍ୱ.ପ୍ର.)




ଫକୀରମୋହନ ମେମୋରିଆଲ ଲାଇବ୍ରେରିର ମକର ମିଳନ ଉତ୍ସବରେ ଉପସ୍ଥିତ ଅତିଥି।

ନାଉଗାଁ ବ୍ଲକ ଜାମୁଗାଁ ପଞ୍ଚାୟତର କଣ୍ଟୁଣିଆଠାରେ ଫକୀର ମୋହନ ମେମୋରିଆଲ ଲାଇବ୍ରେରୀ ପକ୍ଷରୁ ୨ୟ ବାର୍ଷିକ ଉତ୍ସବ, ମକର ମିଳନ ଓ ରାଜ୍ୟସ୍ତରୀୟ କବି ସମ୍ମିଳନୀ ସୋମବାର ଲାଇବ୍ରେରୀ ପରିସରରେ ଅନୁଷ୍ଠିତ ହୋଇଛି। ପାରାଦୀପ ପୋର୍ଟ ଟ୍ରଷ୍ଟି ପ୍ରତାପ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମକଳ ମିଳନ ଉତ୍ସବକୁ ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବ୍ରହ୍ମଚାରୀ ବାବା ସତ୍ୟାନନ୍ଦ ଦାସ ମୁଖ୍ୟବକ୍ତା, ଜାମୁଗାଁ ସରପଞ୍ଚ ଲଲାଟେନ୍ଦୁ ପରିଡା, ଆଡଭୋକେଟ ବାମଦେବ ବରାଳ, ମହେନ୍ଦ୍ର କୁମାର ଚାନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ପାଠାଗାର ଦ୍ୱାରା ଛାତ୍ରୀଛାତ୍ର ଓ ଯୁବ ବର୍ଗ ବିଶେଷ ଭାବେ ଉପକୃତ ହେବା ସହ ଜ୍ଞାନ ଆହରଣ କରିପାରିବେ ବୋଲି କହିଥିଲେ। ଏହି ଅବସରରେ ମୁଖପତ୍ର 'ଅକ୍ଷର' ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ସୁକାନ୍ତ କୁମାର ଲେଙ୍କା ସ୍ୱାଗତ ଭାଷଣ ଓ ତ୍ରିଲୋଚନ ପାଢୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ହିମାଂଶୁ କୁମାର ମହାନ୍ତି ବିବରଣୀ ପାଠ କରିଥିଲେ। ସୁଶ୍ରୀ ସ୍ୱପ୍ନା ଦାସ, ପରମାନନ୍ଦ ମହାପାତ୍ର, ସୁକାନ୍ତ ସ୍ୱାଇଁ, ସୁରେନ୍ଦ୍ରନାଥ ବିଶ୍ୱାଳ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଲାଇବ୍ରେରୀର ସଭାପତି ରୁଦ୍ର ପ୍ରସନ୍ନ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଉତ୍କଳ ଭାରତି କଳା ବିକାଶ କେନ୍ଦ୍ର ନାଉଗାଁର କଳାକାରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶେଷରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା କବିଙ୍କୁ ନେଇ ରାଜ୍ୟସ୍ତରୀୟ କବି ସମ୍ମିଳନୀ କରାଯାଇଥିଲା।

## ୨୦ରେ ଅତିରିକ୍ତ ଜିଲା ଦୌରାଜଜ୍ କୋର୍ଟ ଉଦ୍‌ଘାଟନ

କୁଜଙ୍ଗ,୧୪।୧(ସ୍ୱ.ପ୍ର.)

କୁଜଙ୍ଗରେ ଆସନ୍ତା ୨୦ ତାରିଖରେ ରବିବାର ବହୁ ପ୍ରତିକ୍ଷୀତ ଅତିରିକ୍ତ ଜିଲା ଦୌରାଜଜ୍ କୋର୍ଟ ଉଦଘାଟିତ ହେବ ବୋଲି କୁଜଙ୍ଗ ଓକିଲ ସଂଘ ସଭାପତି ଏ.ଏନ୍.ଡି. ଯାଦବ ସୂଚନା ଦେଇଛନ୍ତି। ଏଥିରେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ୍ ଡ. ଅକ୍ଷୟ କୁମାର ରଥ ମୁଖ୍ୟ ଅତିଥି, ଜଗତ୍‌ସିଂହପୁର ଜିଲା ଜଜ୍ ରବିନାରାୟଣ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାକୁ ନେଇ କୁଜଙ୍ଗ ଓକିଲ ସଂଘ ସମେତ ବିଭିନ୍ନ ଗଣସଂଗଠନ, ସାମାଜିକ ଅନୁଷ୍ଠାନ ପକ୍ଷରୁ ଉତ୍ସାହ ପ୍ରକାଶ ପାଇଛି।

## ସ୍ୱାମୀ ବିବେକାନନ୍ଦ ଯୁବକ ସଂଘ ବାର୍ଷିକ ଉତ୍ସବ

ଏରସମା,୧୪।୧(ସ୍ୱ.ପ୍ର.)

ଏରସମା ବ୍ଲକ ଆମ୍ବିକି ପଞ୍ଚାୟତ ଚାଉଳିଆ ଗ୍ରାମରେ ସ୍ୱାମୀ ବିବେକାନନ୍ଦ ଯୁବକ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ସଂକଳ୍ପ ସ୍ୱେଚ୍ଛାସେବୀ ସଙ୍ଗଠନର ନିର୍ଦ୍ଦେଶକ ଚନ୍ଦ୍ରଜିତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବାଲିକୁଦାର ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର ମୁଖ୍ୟଅତିଥି, ଶ୍ରମିକନେତା ବାପି ସର୍ଖେଲ ମୁଖ୍ୟବକ୍ତା, ସାରଦା ପ୍ରସନ୍ନ ଜେନା, ଧ୍ୱଜରାଜ ଖଣ୍ଡୁଆଳ, ନିତ୍ୟାନନ୍ଦ ଦାସ, ସରପଞ୍ଚ ଭୀମସେନ ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ବରିଷ୍ଠ ନାଗରିକ ମଞ୍ଚ ସମାବେଶ

କୁଜଙ୍ଗ, ୧୪।୧(ସ୍ୱ.ପ୍ର)

କୁଜଙ୍ଗ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସ୍ଥାନୀୟ ସତ୍‌ସଙ୍ଗ ବିହାରଠାରେ ଶିକ୍ଷାବିତ୍ ନିଶାକର ମୁଦୁଲିଙ୍କ ଅଧ୍ୟକ୍ଷତାରେ ଏକ ସମାବେଶ ହୋଇଛି। ଏଥିରେ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘ ସଙ୍ଗଠନ ସମ୍ପାଦକ ବାବୁରାମ ଚୌଧୁରୀ ଯୋଗଦେଇ ଆସନ୍ତା ୨୧ରେ ଭୁବନେଶ୍ୱରରେ ହେବାକୁ ଥିବା ବିକ୍ଷୋଭ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ନାଗରକି ମଞ୍ଚ କୁଜଙ୍ଗର ସଭାପତି ବୀରେନ୍ଦ୍ର କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଥାନା ଅଧିକାରୀଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। ଏଥିରେ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର, ଥାନାରେ ବରିଷ୍ଠ ନାଗରିକ ସେଲ ସହ ନୋଡାଲ ଅଫିସର ନିଯୁକ୍ତି, ପ୍ରତି ମାସରେ ପୋଲିସ-ବରିଷ୍ଠ ନାଗରିକ ମତବିନିମୟ କାର୍ଯ୍ୟକ୍ରମ, ଅସହାୟ ବରିଷ୍ଠ ନାଗରିକଙ୍କୁ ସୁରକ୍ଷା ଓ ନିଶାନିବାରଣ ପାଇଁ ଦାବି କରାଯାଇଛି। ଜଗତସିଂହପୁର ଜିଲା ଆବାହକ ରାଜକିଶୋର ଦା, କାର୍ତ୍ତିକଚନ୍ଦ୍ର ଦାସ, ପ୍ରଭାକର ମଳିକ, ଦ୍ୱୀଜବର ବେହେରା, ରବୀନ୍ଦ୍ର ନାଥ ନାୟକ, ନାରାୟଣ ମଳିକ୍, ଗୋପବନ୍ଧୁ ଓଝା, ଗଜେନ୍ଦ୍ରନାଥ ମହାନ୍ତି, ନୀରଞ୍ଜନ ତ୍ରିପାଠୀ, ଧ୍ରୁବ ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଦେବ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ଗୋଦାମରୁ ଧାନ ଲୁଟିନେଲେ ଦୁର୍ବୃତ୍ତ

ଡେରାବିଶ,୧୪।୧ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ବସପୁର ପଞ୍ଚାୟତ ଅଧୀନ ବସପୁର ଲକ୍‌ସ୍ଥିତ ମନୋଜକାନ୍ତ ନାୟକଙ୍କ ଧାନ ଗୋଦାମରୁ ଦୁର୍ବୃତ୍ତମାନେ ରବିବାର ରାତିରେ ୩୨ ବସ୍ତା ଧାନ ଲୁଟି ନେଇଛନ୍ତି। ବସପୁର ଲକ୍‌ରେ ମନୋଜ ଧାନ ବ୍ୟବସାୟ କରନ୍ତି। ଚାଷୀମାନଙ୍କଠାରୁ ଧାନ କିଣି ସେ ଗୋଦାମ ଆଗରେ ପାଳ ଘୋଡାଇ ରଖିଥିଲେ। କାଲି ରାତିରେ କେହି ଦୁର୍ବୃତ୍ତ ପାଳ ଖୋଲି ୩୨ ବସ୍ତା ଧାନ ନେଇଯାଇଛନ୍ତି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏ ନେଇ ଥାନାରେ କୌଣସି ଏତଲା ଦିଆଯାଇନାହିଁ।

## ଆଜି ଆନ୍ଦୋଳନକୁ ଓହ୍ଲାଇବେ ୨ ସଙ୍ଗଠନ

କୁଜଙ୍ଗ,୧୪।୧(ସ୍ୱ.ପ୍ର)

■ ସୁପର ସ୍ପେଶିଆଲିଟି ହସ୍ପିଟାଲ ଦାବିରେ ଧାରଣା ଦେବ ଆଞ୍ଚଳିକ ସୁରକ୍ଷା ସମିତି
■ ଜଳ ନିଷ୍କାସନ ସମସ୍ୟା ନେଇ ରାସ୍ତାରୋକୋ କରିବ କୃଷକ ମଞ୍ଚ

କୁଜଙ୍ଗରେ ମଙ୍ଗଳବାର ୨ଟି ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇବେ। ଭୂତମୁଣ୍ଡାଇଠାରେ ସୁପର ସ୍ପେଶିଆଲିଟି ହସ୍ପିଟାଲ ପ୍ରତିଷ୍ଠା ଦାବିରେ ଆଞ୍ଚଳିକ ସୁରକ୍ଷା ସମିତି ଧାରଣା ଓ ପ୍ରତିବାଦସଭା କରିବାକୁ ସ୍ଥିର କରିଥିବା ବେଳେ ୭ ପଞ୍ଚାୟତ ଅଧୀନ ୨୯ ଗ୍ରାମରୁ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା କରିବା ଦାବିରେ ପାରାଦୀପ କୃଷକ ମଞ୍ଚ ରାସ୍ତାରୋକୋ କରିବ। ପାରାଦୀପ ଗଡ଼ ପାଖରେ ହଳଦୀପାଣି ନଦୀପଥ ଅବରୋଧ ହୋଇଯାଇଥିବାରୁ ବର୍ଷାଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଛି। ଏହାର ପ୍ରତିବାଦରେ ରାସ୍ତାରୋକୋ କରାଯିବ ବୋଲି କୃଷକ ମଞ୍ଚ ଚେତାବନୀ ଦେଇଥିଲା। ଦୁଇ ସଙ୍ଗଠନ ଏଭଳି ଆନ୍ଦୋଳନକୁ ଓହ୍ଲାଉଥିବାରୁ ପ୍ରଶାସନ ପାଇଁ ଚିନ୍ତା ବଢିଯାଇଛି। ସୂଚନାଯୋଗ୍ୟ, ସୁରକ୍ଷା ସମିତିର ଧାରଣା ଜାନୁୟାରୀ ୩୦ରେ ହେବାକୁ ଥିବାବେଳେ ଶୁକ୍ରବାର ଜିଲାପାଳ ଯାମିନୀ ଷଡଙ୍ଗୀ ଏହାର ସମାଧାନ ପାଇଁ ଆଲୋଚନାକୁ ଡାକିଥିଲେ। ମାତ୍ର ଆଲୋଚନା ବିଫଳ ହେବାରୁ ସମିତି ଆନ୍ଦୋଳନକୁ ଅଧିକ ଶାଣିତ କରିଛି ବୋଲି ସମିତିର ଆବାହକ ରଘୁନାଥ ସାହୁ, ଆବାହକ ମଣ୍ଡଳୀ ସଭ୍ୟ ଶ୍ରୀବଲ୍ଲଭ କର, ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ସଞ୍ଜୟ କୁମାର ସ୍ୱାଇଁ, ଆଇନଜୀବୀ ସଞ୍ଜୟ ବେହେରା, ଭୂତମୁଣ୍ଡାଇ ସରପଞ୍ଚ ଜ୍ୟୋତିର୍ମୟୀ ସ୍ୱାଇଁ ପ୍ରମୁଖ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ୧୬ରେ ଭଗବତୀ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ

**ଡେରାବିଶ, ୧୪।୧ (ସ୍ୱ.ପ୍ର.):** ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ବେଲାରପୁରସ୍ଥିତ ଭଗବତୀ ସରକାରୀ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଆସନ୍ତା ୧୬ ତାରିଖରେ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟପାଳ ଗଣେଶୀ ଲାଲ୍ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବ ପାଳିତ ହେବାକୁ ଥିବା ବେଳେ ଏହାକୁ ସଂସ୍କୃତିସମ୍ପନ୍ନ, ପ୍ରେରଣାଦାୟୀ ଓ ସୁଦୁରପ୍ରସାରୀ କରିବାକୁ ସ୍କୁଲ କର୍ତ୍ତୃପକ୍ଷ, ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

### କୃଷକ କ୍ଲବର ତ୍ରୈମାସିକ ବୈଠକ

**ଡେରାବିଶ, ୧୪।୧ (ସ୍ୱ.ପ୍ର.)** ଡେରାବିଶ ବ୍ଲକ ଅଧୀନ ପଲେଇ ପଞ୍ଚାୟତ ସବଲଙ୍ଗସ୍ଥିତ ଜୟଭାରତୀ ସାଥିସମାଜ ପରିସରରେ କୃଷକ କ୍ଲବ ସଂଯୋଜକଙ୍କର ତ୍ରୈମାସିକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀବଳଦେବ କୃଷକ କ୍ଲବ ମହାସଂଘର ସଭାପତି ସମ୍ପାଦକ ନିରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ନାବାର୍ଡ ଜିଲା ବିକାଶ ପ୍ରବନ୍ଧକ ମାନସ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ ଜିଲାର ୮୮ଟି କୃଷକ କ୍ଲବର ସଂଯୋଜକ ଓ କୃଷକ ଯୋଗଦେଇଥିଲେ। ଏଥିରେ କୃଷକ କ୍ଲବ ପରିଚାଳନା, କୃଷି ଓ କୃଷକ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ବର୍ତ୍ତମାନ କୃଷି ଓ କୃଷକମାନଙ୍କ ନିମନ୍ତେ ସରକାରଙ୍କ ପକ୍ଷରୁ କରାଯାଉଥିବା ବିଭିନ୍ନ ଯୋଜନା, କାରିଗରୀ କୌଶଳକୁ ଯୁବ କୃଷକମାନେ ଉପଯୋଗ କରିପାରିଲେ କୃଷିର ଉନ୍ନତି ହେବ ବୋଲି ସଭାପତି ସାହୁ କହିଥିଲେ। ଏହି ଅବସରରେ ଇଫ୍‌କୋ କିଷାନ ପକ୍ଷରୁ ସଚ୍ଚିକାନ୍ତ ଦାସ କାର୍ଯ୍ୟକ୍ରମରେ ଯୋଗ ଦେଇ ସାର ଓ କୀଟନାଶକ ଔଷଧ ଯୋଗାଣ, ଗୋ-ଚିକିତ୍ସା ଆଦି ଯୋଗାଇ ଦେବା ନିମନ୍ତେ ୭୩ ଜଣ କୃଷକଙ୍କୁ ସମାଧାନ କାର୍ଡ ଯୋଜନାରେ ଅନ୍ତର୍ଭୁକ୍ତ କରିଥିଲେ। ଶେଷରେ ସଂଯୋଜକ ରଜନୀକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ଓଏଏସ୍ ସୌମ୍ୟ ପ୍ରିୟଦର୍ଶିନୀ ସମ୍ବର୍ଦ୍ଧିତ



**ପାଟକୁରା, ୧୪।୧ (ଡି.ଏନ୍.ଏ.):** ଗରଦପୁର ବ୍ଲକ ବେତାରୀ ପଞ୍ଚାୟତର ହରିଦାସପୁରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ୨୨ତମ ବାର୍ଷିକ କ୍ରୀଡ଼ା ଇତିମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜ୍ୟୋତିରଞ୍ଜନ ପରିଡାଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ନୂଆପଡ଼ା 'କାନରା ବ୍ୟାଙ୍କ' ଶାଖା ପରିଚାଳକ ଅବିନାଶ କଣ୍ଡ ମୁଖ୍ୟଅତିଥି ଭାବେ ଶିଶୁ ମନ୍ଦିରରେ ପିଲାଙ୍କୁ ସଂସ୍କାରିତ ଶିକ୍ଷା ପ୍ରଦାନ କରାଯାଉ ଥିବାରୁ ପିଲାମାନେ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଅର୍ଜନ କରୁଥିବା କହିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସହ-ସମ୍ପାଦକ ଜ୍ଞାନରଞ୍ଜନ ପ୍ରଧାନ, ସମ୍ପାଦକ ନାରାୟଣ ରାଉତ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରୀମାନଙ୍କୁ କ୍ରୀଡ଼ାରେ ଭାଗ ନେବା ପାଇଁ ଉତ୍ସାହିତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ତ୍ରିପାଠୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଗୁରୁଜୀ ସତ୍ୟଜିତ୍ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ଗୁରୁ ମା'ସୁକ୍ତା ସାହୁ ଧନ୍ୟବାଦ ଦେଇଥିଲେ। କେଦାରନାଥ ସ୍ୱାଇଁ, ଚିନ୍ମୟ ସାହୁ, ପ୍ରୟତମା ସାମଲ, ରୋଜାଲିନ ସାହୁ, ଗୀତାଞ୍ଜଳି ବେହେରା, ମଧୁସ୍ମିତା ନାୟକ ପ୍ରମୁଖ ଗୁରୁମା' ଗୁରୁଜୀମାନେ କ୍ରୀଡ଼ା ଉତ୍ସବ ପରିଚାଳନା କରିଥିଲେ। ଦୁଇ ଦିନ ବ୍ୟାପି ଅନୁଷ୍ଠିତ ଏହି କ୍ରୀଡ଼ା ଉତ୍ସବଅବସରରେ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ପ୍ରତିଯୋଗୀମାଙ୍କୁ ଆସନ୍ତା ବାର୍ଷିକ ଉତ୍ସବ ଅବସରରେ ପୁରସ୍କୃତ କରାଯିବ। ଏହି ଅବସରରେ ସ୍କୁଲର ପ୍ରଥମ ବ୍ୟାଚ୍‌ର ଛାତ୍ର ଓଏଏସ୍ ସୌମ୍ୟ ପ୍ରିଦର୍ଶନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗତ ଓଏଏସ୍ ପରୀକ୍ଷାରେ ସୌମ୍ୟ ୬୯ ନଂ. ର୍‍ୟାଙ୍କ ରଖି କୃତିତ୍ୱ ଅର୍ଜନ କରିଥିଲେ।

## ବ୍ଲକସ୍ତରୀୟ ମିଳିତ ଜନଶୁଣାଣି ଶିବିର

# ୭୦ଅଭିଯୋଗ ଶୁଣିଲେ ଜିଲାପାଳ, ଏସ୍‌ପି



ଶିବିରରେ ଜିଲାପାଳ ଦାଶରଥି ଶତପଥୀ, ଏସ୍‌ପି ନୀତିଶେଖର ଓ ଅନ୍ୟପଦାଧିକାରୀମାନେ।

**ମାର୍ଶାଘାଇ, ୧୪।୧ (ଡି.ଏନ୍.ଏ.)**

ମାର୍ଶାଘାଇ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡ଼ା ଜିଲାପାଳ ଦାଶରଥି ଶତପଥୀ, ଜିଲା ଆରକ୍ଷୀ ଅଧୀକ୍ଷକ ନୀତିଶେଖର ଉପସ୍ଥିତ ରହି ମୋଟ ୭୦ଟି ଅଭିଯୋଗର ଶୁଣାଣି କରିଥିଲେ। ତନ୍ମଧ୍ୟରୁ ୯ଟି ସାମୁହିକ ଓ ୬୧ ବ୍ୟକ୍ତିଗତ ଅଭିଯୋଗ ଥିଲା। ବେରୁହାଁ ପଞ୍ଚାୟତ ଭଗବାନପୁର ଗ୍ରାମରେ ଡ୍ରେନ କାମରେ ଅନିୟମିତତା, ବଛରାଇ ପଞ୍ଚାୟତ ପେଣ୍ଠ ହାଇସ୍କୁଲ ଓ ଅନ୍ତେଇ ହାଇସ୍କୁଲରେ ଶିକ୍ଷକ ଅଭାବ, ୫ ନଂ. (କ) ଜାତୀୟ ରାଜପଥର ଲୁଣାବ୍ରିଜ ଉପରେ କୁଢ କୁଢ ବାଲି ପଡି ରହିବାରୁ ଦୁର୍ଘଟଣା ଘଟିବା, ଅନ୍ତେଇ ପଞ୍ଚାୟତରେ ପାଇଖାନା ନିର୍ମାଣ କରିଥିବା ୨୭ ହିତାଧିକାରୀଙ୍କୁ ଅର୍ଥରାଶି ନ ମିଳିବା , ଶିଳିପୁର-ମାର୍ଶାଘାଇ ରାସ୍ତା ପ୍ରଶସ୍ତୀକରଣ ଆଦି ୬ଟି ସାମୁହିକ ଅଭିଯୋଗ ହୋଇଥିଲା। ସେହିପରି ବ୍ୟକ୍ତିଗତ ଅଭିଯୋଗଗୁଡ଼ିକ ମଧ୍ୟରେ ହିନ୍ଦୁଳିଆ ପଞ୍ଚାୟତ ହାତିଆ ଗ୍ରାମର ମମତା ଜେନାଙ୍କ ଦିବ୍ୟାଙ୍ଗ ଭତ୍ତା ବନ୍ଦ, ଅବସରପ୍ରାପ୍ତ ଶିକ୍ଷକ ସୁରେଶ ବେହେରାଙ୍କ ପେନ୍‌ସନ୍ ମଞ୍ଜୁର ନହେବା ଆଦି ହୋଇଥିବା ହୋଇଥିଲା। ସେହିପରି ଦୁମୁକା ପଞ୍ଚାୟତ କୁସୁନୁପୁର ଗ୍ରାମର ରବୀନ୍ଦ୍ର ମଲିକ ଚିକିତ୍ସା ପାଇଁ ଅର୍ଥ ଯୋଗାଇ ଦେବାକୁ ଆବେଦନ କରିଥିବା ବେଳେ ଭତ୍ତା, ଇନ୍ଦିରା ଆବାସ, ରାଶନକାର୍ଡ ଆଦି ବ୍ୟକ୍ତିଗତ ଅଭିଯୋଗର ଶୁଣାଣି କରାଯାଇଥିଲା। ଶିବିରରେ ଜିଲାପାଳ, ଏସ୍‌ପିଙ୍କ ସମେତ ପ୍ରକଳ୍ପ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ପରିଡ଼ା, ମାଶର୍ଶଘାଇ ବିଡିଓ ସୁବାଦାର ପ୍ରଧାନ, ଅତିରିକ୍ତ ବିଡିଓ ଦେବେନ୍ଦ୍ର ସ୍ୱାଇଁ, ତହସିଲଦାର ନିରଞ୍ଜନ ସାହୁ, ଜିଲା ଶିଶୁ ସୁରକ୍ଷା ମଙ୍ଗଳ ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ସହକାରୀ ଜିଲାପାଳ ଭରତ ଚନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ମୃତ ଛାତ୍ରଙ୍କ ବିୟୋଗରେ

# କ୍ୟାଣ୍ଡେଲ ଶୋଭାଯାତ୍ରା



ମାର୍ଶାଘାଇ ବଜାରଠାରେ ମହମବତୀ ଶୋଭାଯାତ୍ରା।

**ମାର୍ଶାଘାଇ, ୧୪।୧ (ଡି.ଏନ୍.ଏ.)** ମାଶର୍ଶଘାଇ ଥାନା ସିରିଙ୍ଗପୁରଠାରେ ବାଇକ୍ ଦୁର୍ଘଟଣାରେ ରବିବାର ମୃତ୍ୟୁବରଣ କରିଥିବା ଜୁଣ ଗ୍ରାମର ଅରୁଣ ରଥଙ୍କ ପୁଅ ଅବିନାଶଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ମାର୍ଶାଘାଇ ବଜାରଠାରେ କ୍ୟାଣ୍ଡେଲ ଶୋଭାଯାତ୍ରା ସୋମବାର ଅନୁଷ୍ଠିତ ହୋଇଥିଲା। ବ୍ଲୁ ଷ୍ଟାର କ୍ଲବ ପକ୍ଷରୁ ଆୟୋଜିତ ଏହି ଶୋଭାଯାତ୍ରାରେ ମାର୍ଶାଘାଇ ମହାବିଦ୍ୟାଳୟ ଓ ମହାକାଳପଡ଼ା ବାୟାବାବା କଲେଜର ବହୁ ଛାତ୍ର ସାମିଲ ହୋଇଥିଲେ। କଲେଚ ଛାତ୍ରମାନେ ମହମବତୀ ଶୋଭାଯାତ୍ରା କରିବା ସହ ମାର୍ଶାଘାଇ ବଜାରଠାରେ ଅବିନାଶଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା।

## ପଟ୍ଟାମୁଣ୍ଡାଇ-ରାଜନଗର ଯୁବ ପରିଷଦ ବୈଠକ

# ଜୋର୍ ଧରିଲା ସବ୍-ଡିଭିଜନ ଦାବି

**ପଟ୍ଟାମୁଣ୍ଡାଇ, ୧୪।୧ (ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ କାର୍ଯ୍ୟାଳୟରେ ରବିବାର ଯୁବ ପରିଷଦର ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପଟ୍ଟାମୁଣ୍ଡାଇ ସବ୍-ଡିଭିଜନ ଘୋଷଣା ଦାବିରେ ଜୋରଦାର ଆଲୋଚନା ହୋଇଥିଲା। ଆଲୋଚନା ମୁତାବକ, ସବ୍ ଡିଭିଜନ୍ ମାନ୍ୟତା ଦାବି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ୫୦ହଜାରରୁ ଊର୍ଦ୍ଧ୍ୱ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିବା ବେଳେ ବିରୋଧୀ କଂଗ୍ରେସ ଓ ଶାସକ ଦଳ ବିଧାୟକ ଓ ବରିଷ୍ଠ ନେତାମାନେ ଏହାକୁ ଦୃଢ଼ ସମର୍ଥନ ଜଣାଇଛନ୍ତି। ସବ୍-ଡିଭିଜନ ଦାବି ବିଚାରାଧୀନ ଥିବା ବେଳେ ଯୁବ ପରିଷଦ ଏହି ଦାବିକୁ ଜୋରଦାର କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ବିକାଶ ପରିଷଦର ଆବାହକ ଆଡଭୋକେଟ କ୍ଷୀରୋଦ ପ୍ରଧାନ ସଭାପତିତ୍ୱରେ କରିଥିଲେ। ବିକାଶ ପରିଷଦ ପ୍ରତିଷ୍ଠାତା ବିଜୟ କେତନ ସ୍ୱାଇଁ ଯୋଗଦେଇ ସବ୍-ଡିଭିଜନ ଘୋଷଣା ଦାବିକୁ ଜୋରଦାର କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସର୍ବସମ୍ମତି କ୍ରମେ ଯୁବନେତା ଦିଲ୍ଲୀପ କୁମାର ସାହୁଙ୍କୁ ଯୁବ ପରିଷଦ ସଭାପତି ଭାବେ ମନୋନୀତ କରାଯାଇଥିଲା। ଉପସଭାପତି ଭାବେ ସ୍ମୃତିରଞ୍ଜନ ପାଢୀ, ହରେକୃଷ୍ଣ ନାୟକ, ନିମାଇଁ ଚରଣ ଓଝା, ରମାକାନ୍ତ ବେହେରା, ଶୁଭାଶିଷ ଜେନାଙ୍କୁ ମନୋନୀତ କରାଯାଇଥିଲା। ସାଧାରଣ ସମ୍ପାଦକ ଭାବେ ଇଂ. ପ୍ରସନଜିତ୍ ସାହୁ, ଇଂ. ସାଇରଞ୍ଜନ ସାହୁ, ସୁଶୀଲ କୁମାର ରାଉତ, ସମ୍ପାଦକ ଭାବେ ଇଂ. ଆକାଶ କୁମାର ସେଠୀ, ଧ୍ରୁବଚରଣ ସାହୁ, ସନ୍ତୋଷ କୁମାର ସାହୁ ଓ ଅଫିସ ସମ୍ପାଦକ ଭାବେ ଜଗନ୍ନାଥ ପାତ୍ର ମନୋନୀତ ହୋଇଥିଲେ। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୨୧ ୱାର୍ଡରେ ୱାର୍ଡ ସଭାପତି ଓ ସମ୍ପାଦକ ମନୋନୀତ କରିବା ପାଇଁ ଯୁବ ନେତାମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା। ବୈଠକରେ ପରିଷଦର ପଟ୍ଟାମୁଣ୍ଡାଇ ବ୍ଲକ ସଭାପତି ଆଡଭୋକେଟ୍ ଦେବବ୍ରତ ସ୍ୱାଇଁ, ଯୁବ ପରିଷଦ ସଭାପତି ଜ୍ୟୋତି ପ୍ରକାଶ ପ୍ରଧାନ, ନଗର ସଭାପତି ଆଡଭୋକେଟ୍ ଅଶ୍ୱିନି କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ଶେଷରେ ନିମାଇଁ ଚରଣ ଓଝା ଧନ୍ୟବାଦ ଦେଇଥିଲେ।

### ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ ଯୁବପିଢ଼ି

**ଡେରାବିଶ, ୧୪।୧ (ସ୍ୱ.ପ୍ର.)** ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଦିବସ ଅବସରରେ ଡେରାବିଶ ବ୍ଲକ ଅଧୀନ ଏଣ୍ଡର ପଞ୍ଚାୟତ ନୀଳକଣ୍ଠପୁରସ୍ଥିତ ଶୃଙ୍ଗାରେଶ୍ୱର ୟୁଥ୍ କ୍ଲବ ପକ୍ଷରୁ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଏ ନେଇ ପୂର୍ବତନ ସରପଞ୍ଚ ମନୋରଞ୍ଜନ ଉପାଧ୍ୟାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପଞ୍ଚାୟତ ସମିତି ଅଧକ୍ଷ ସରୋଜକାନ୍ତ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଆଜିର ଯୁବଗୋଷ୍ଠୀ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ଦେଶର ଉନ୍ନତି ହେବ ବୋଲି ମୁଖ୍ୟଅତିଥି ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ, ପୂର୍ବତନ ସମିତିସଭ୍ୟ ଗଗନ ବିହାରୀ ସାହୁ, ସମବାୟବିତ୍ ବୈଷ୍ଣବ ଚରଣ ସାହୁ, ରାଜକିଶୋର ମଲ୍ଲ ଯୋଗଦେଇଥିଲେ। ମୁକେଶ କୁମାର ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

## ମକର ସଂକ୍ରାନ୍ତିରେ ଦଧିବାମନଜୀଉ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

**କେନ୍ଦ୍ରାପଡ଼ା ଅଫିସ, ୧୪।୧**

କେନ୍ଦ୍ରାପଡା ବ୍ଲକ ଚଉଦକୁଲାଟସ୍ଥିତ ତମାଳକ୍ଷେତ୍ରାଧିପତି ଶ୍ରୀ ଦଧିବାମନଜୀଉଙ୍କର ମକର ସଂକ୍ରାନ୍ତି ଉତ୍ସବ ସୋମବାର ପାଳିତ ହୋଇଯାଇଛି। ରବିବାର ସନ୍ଧ୍ୟାରୁ ନବାଙ୍କ ବେଢ଼ା ପରିକ୍ରମା ସହ ସଂକ୍ରାନ୍ତି ରୀତିନୀତି ଅନୁଷ୍ଠିତ ହୋଇଥିଲା। ସଂକ୍ରାନ୍ତି ପୂର୍ବ ସନ୍ଧ୍ୟାରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମାକୁ ୮ଥର ନବାଙ୍କ ବେଢ଼ା ପରିକ୍ରମା କରାଯାଇଥିଲା । ଏହି ସମୟରେ ଭଜନ କୀର୍ତ୍ତନ ସହ ଢ଼ୋଲ, ଝାଞ୍ଜ, କରତାଳ, ତୁରି ଆଦି ବାଦ୍ୟ ବାଜିଥିଲା ବୋଲି ମନ୍ଦିର ମୁଖ୍ୟ ପୂଜକ ଉମାକାନ୍ତ ମିଶ୍ର କହିଥିଲେ । ମକର ସଂକ୍ରାନ୍ତି ପ୍ରତ୍ୟୁଷରେ ଶ୍ରୀଜୀଉଙ୍କ ସ୍ନାନ ପରେ ମଙ୍ଗଳ ଆଳତି, ଅବକାଶ, ମଇଲମ ସହ ସୂର୍ଯ୍ୟା ପୂଜା ଅନୁଷ୍ଠିତ ହୋଇଥିଲା। ପରେ ପ୍ରଥମ ପ୍ରହର ଭୋଗଲାଗି ହୋଇଥିଲା । ପୂର୍ବାହ୍ନ ୧୦ରେ ଚଳନ୍ତି ପ୍ରତିମାଙ୍କ ଶେଷ ମକର ବେଢ଼ା ପରିକ୍ରମା ହୋଇଥିଲା । ଏହି ଅବସରରେ ଶୀଜୀଉଙ୍କ ଦର୍ଶନ ପାଇଁ ପ୍ରାୟ ୫୦୦୦ରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ମଧ୍ୟାହ୍ନରେ ଦ୍ୱିପ୍ରହର ପ୍ରହର ଭୋଗ, ପଲଙ୍କ ଉଠାସେବା, ସନ୍ଧ୍ୟା ଧୂପ ଆଦି ଦେବନୀତି ସମ୍ପର୍ଣ୍ଣ ହୋଇଥିଲା। ଶ୍ରୀଜୀଉଙ୍କ ଭୋଗ ସମ୍ପର୍କରେ ଶରତ ଚନ୍ଦ୍ର ମିଶ୍ର କୁହନ୍ତିଯେ, ଏହି ପର୍ବ ଏକ କୃଷିଭିତ୍ତିକ ପର୍ବ। ଅମଳ ସରିଥିବା ଧାନରୁ ନୂତନ ଚାଉଳ, ନୂତନ ଗୁଡ଼, ଗାଈର କ୍ଷୀର ଓ ଛେନା ମିଶାଇ ମକର ଚାଉଳ ପ୍ରସ୍ତୁତ କରାଯାଇ ଶ୍ରୀଜୀଉଙ୍କୁ ପ୍ରଥମେ ଅର୍ପଣ କରାଯାଏ। ଏଥିସହ ରାଜଭୋଗ ହିସାବରେ ପୋଡ଼ପିଠା ଅର୍ପଣ କରାଯାଏ। କାର୍ଯ୍ୟକ୍ରମକୁ ରାଜକିଶୋର ମିଶ୍ର, ପ୍ରମୋଦ କୁମାର ମିଶ୍ର, ସୁମନ୍ତ ମିଶ୍ର, ବୃନ୍ଦାବନ ମିଶ୍ର, ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

## କଠିନ ପରିଶ୍ରମ ସଫଳତା ଦେଇଥାଏ

**ଡେରାବିଶ, ୧୪।୧ (ସ୍ୱ.ପ୍ର.)**

ନିଷ୍ଠାର ସହ କଠିନ ପରିଶ୍ରମ କଲେ ସଫଳତା ପ୍ରାପ୍ତ ହୋଇଥାଏ ବୋଲି ଡେରାବିଶ ଶିକ୍ଷା ସର୍କଲ ଅଧୀନ ବାଲୁଙ୍କେଶ୍ୱର ସରକାରୀ ଉଚ୍ଚ ବିଦ୍ୟାପୀଠର କ୍ରୀଡ଼ା ଉତ୍ସବ ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଉତ୍ସବ ଉଦ୍‌ଯାପନୀ ଅବସରରେ ପ୍ରଧାନ ଶିକ୍ଷକ ଅଭିରାମ ସ୍ୱାଇଁଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଡେରାବିଶ ବ୍ଲକ ଅଧକ୍ଷ ସରୋଜକାନ୍ତ ସାହୁ ମୁଖ୍ୟଅତିଥି, ଅବସରପ୍ରାପ୍ତ ଶିକ୍ଷକ ବିଧାନଚନ୍ଦ୍ର ସାମଲ ମୁଖ୍ୟବକ୍ତା ଓ ଗୋଲରାହାଟ ସମବାୟ ସମିତି ସଭାପତି ବୈଷ୍ଣବ ଚରଣ ସାହୁ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଗୋପୀନାଥ ଦାଶ, ସ୍କୁଲ ପରିଚାଳନା କମିଟି ସଭାପତି ଗଗନ ବିହାରୀ ସାହୁ, ବିଦ୍ୟାପୀଠ ପ୍ରତିଷ୍ଠାତା ସମ୍ପାଦକ ଗୁରୁଚରଣ ନାୟକ ଏବଂ ସିଆର୍‌ସିସି ସୁରଥ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପୀନାଥ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବାର୍ଷିକ କ୍ରୀଡ଼ାରେ ଭାଗ ନେଇ ଚାମ୍ପିୟନ ହୋଇଥିବା ଶୁଭଶ୍ରୀ ବେହେରା ଓ ଶ୍ରୀନିବାସ ରାଉତଙ୍କ ସମେତ ଅନ୍ୟ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯଇଥିଲା। ଏହାଛଡ଼ା ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ସ୍ମରଣୀକା ପାଢୀଙ୍କୁ ବୈଷ୍ଣବ ଚରଣ ମେମୋରିଆଲ ଟ୍ରଫି, ରଶ୍ମିତା ଭୂୟାଁଙ୍କୁ ଶ୍ରୀୟା ମେମୋରିଆଲ ଟ୍ରଫି ଓ ଛାତ୍ର ଗୌତମ ସ୍ୱାଇଁଙ୍କୁ ଦୁର୍ଯ୍ୟୋଧନ ଭଦ୍ର ମେମୋରିଆଲ ଟ୍ରଫି ପ୍ରଦାନ କରାଯାଇଥିଲା। ଶିକ୍ଷକ ଅଚ୍ୟୁତାନନ୍ଦ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କ୍ରୀଡ଼ା ଶିକ୍ଷକ ନିରଞ୍ଜନ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ପ୍ରଭାତୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ମୋନାଲିସା ମହାନ୍ତି, ସୁହାସିନି ପ୍ରଧାନ ଓ ଶିକ୍ଷକ ଦୁର୍ଗାଚରଣ ପାଢୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମକର ମିଳନ ଉତ୍ସବ

**ମାର୍ଶାଘାଇ, ୧୪।୧ (ଡି.ଏନ୍.ଏ.)** ମାର୍ଶାଘାଇ ବ୍ଲକ ଅଧୀନ ବାହାକଣ୍ଡିଆ ଗ୍ରାମରେ ମକର ସଂକ୍ରାନ୍ତି ଅବସରରେ ସୋମାବର ମକର ମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ସଭାପତି ତେଜେଶ୍ୱର ପରିଡ଼ାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପାଟକୁରା ନିର୍ବାଚନ ମଣ୍ଡଳୀର ଜନ ପ୍ରତିନିଧିଙ୍କ ସହ ବହୁ ଲୋକ ସାମିଲ ହୋଇଥିଲେ। ଉତ୍ସବରେ ପରିଡ଼ା କହିଥିଲେ, ଓଡ଼ିଶାର ବିଭିନ୍ନ ପଞ୍ଚାୟତରେ ଲୋକମାନଙ୍କୁ ରୋଜଗାରକ୍ଷମ କରିବାକୁ ଖଦି ବୋର୍ଡ଼ ଜରିଆରେ ସେ ସହଯୋଗର ହାତ ବଢ଼ାଇଥିବା କହିଥିଲେ। ଏଥିସହ ସେ ଜଣେ ଭୋଟର ହିସାବରେ ପାଟକୁରା ନିର୍ବାଚନ ମଣ୍ଡଳୀର ଉନ୍ନତି ଚାହୁଥିବା ବେଳେ ସୁଯୋଗ ମିଳିଲେ ପାଟକୁରାକୁ ରାଜ୍ୟର ୧ ନଂ. ନିର୍ବାଚନ ମଣ୍ଡଳିର ପରିଣତ କରିବେ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଏଥିରେ ହଜାରରୁ ଊର୍ଦ୍ଧ୍ୱ ଲୋକ ଯୋଗଦେଇଥିବା ବେଳେ ଏହି ଉତ୍ସବକୁ ନେଇ ରାଜନୀତି ସରଗରମ ହୋଇଛି।

## କ୍ରିକେଟ ଟୁର୍ନାମେଣ୍ଟ, ପଲେଇ ଚାମ୍ପିୟନ


ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ।

**ଡେରାବିଶ, ୧୪।୧ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତସ୍ଥିତ ଚଷାଖଣ୍ଡ ପଡିଆରେ ଗତ ୧୨ତାରିଖରୁ ଆରମ୍ଭ ହୋଇଥିବା କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ମା' କ୍ଷେତ୍ରପାଳ କ୍ରିକେଟ ଆସୋସିଏଶନ ଅନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ଅଞ୍ଚଳର ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ନିଳକଣ୍ଠପୁରର ମା'ବୁଢ଼ୀଜାଗୁଳାଇ ଓ ପଲେଇ ୟୁଥ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ନୀଳକଣ୍ଠପୁର ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୧୦୩ରନ୍ ସଂଗ୍ରହ କରିଥିଲା। ଜବାବରେ ପଲେଇ ଟିମ୍ ୧୩.୫ ଓଭରରେ ୯ଉଇକେଟ ହରାଇ ନିର୍ଦ୍ଧାରିତ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। କାର୍ତ୍ତିକଚନ୍ଦ୍ର ସେଠୀ ଓ ହରେକୃଷ୍ଣ ପ୍ରଧାନ ଅମ୍ପେୟାର ଭାବେ ଫାଇନାଲ ମ୍ୟାଚ୍ ପରିଚାଳନା କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ପୁରସ୍କାର ବିତରଣ ଉତ୍ସବରେ ଆୟୋଜକ କ୍ଲବର ସଭାପତି ରମେଶଚନ୍ଦ୍ର ସେଠୀ ପୌରୋହିତ୍ୟ କରିଥିଲେ। ଏଥିରେ ବିଜେଡି ନେତା ରବି ସାମଲ ମୁଖ୍ୟ ଅତିଥି, ସାମାଜିକ କର୍ମୀ ହଳଧର ଦାଶ, ପ୍ରାକ୍ତନ ସରପଞ୍ଚ ବିପିନ ବିହାରୀ ସାହୁ, ବରିଷ୍ଠ କ୍ରୀଡ଼ାବିତ୍ ସାହାଜାହାନ ଖାଁ, ଅଧାପକ ଗୁରୁଚରଣ ସେଠୀ, ଯୁବ ସଂଗଠକ ରଘୁନାଥ ସେଠୀ ଓ ରମେଶ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ସୁଧାକର ରାଉତ, ସୁବାଶିଷ କର, ଆଶୋକ ସେଠି, ସୌମ୍ୟରଞ୍ଜନ ସେଠୀ, ବିଜୟ ସେଠୀ ଓ ଅଜୟ ସେଠୀ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

## ଡେରାବିଶ କଲେଜ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ଅତିଥିମାନେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

**ଡେରାବିଶ, ୧୪।୧ (ସ୍ୱ.ପ୍ର.)** ଡେରାବିଶ କେଲେଜରେ ୩ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ଉତ୍ସବ ଉଦଯାପିତ ହୋଇଯାଇଛି। ଏହି ଉପଲକ୍ଷେ କଲେଜ ସଭାଗୃହରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅଧ୍ୟକ୍ଷ ଚତୁର୍ଭୁଜ କର ସଭାପତିତ୍ୱ କରିଥିଲେ। ଏଥିରେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରଫେସର ନନ୍ଦ କିଶୋର ପରିଡା ମୁଖ୍ୟଅତିଥି, ଅଧାପକ ଅଶ୍ୱିନୀ କୁମାର ପୃଷ୍ଟି ଓ ଅଧାପକ ସଞ୍ଜୟ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିବା ଶିବାଶ୍ରୀତା ମହାରଣା, ପ୍ରଭାତ କୁମାର ଓଝା, ମନୋଜ କୁମାର ସ୍ୱାଇଁ, ସୌମ୍ୟରଞ୍ଜନ ଜେନା ଓ ଜରିନା ବେଗମଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ କଲେଜ କ୍ରୀଡା ସଂସଦ ଉପ-ସଭାପତି ଅଧାପକ ବୃନ୍ଦାବନ ଦାସ ଅତିଥି ପରିଚୟ ପ୍ରଦାନ ସହ ପ୍ରାରମ୍ଭିକ ଭାଷଣ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ଶରତଚନ୍ଦ୍ର ପୃଷ୍ଟି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅଧାପିକା ସଂଯୁକ୍ତା ସେଠୀ ଧନ୍ୟବାଦ ନେଇଥିଲେ। ତିନି ଦିନ ଧରି ଚାଲିଥିବା ଏହି ଉତ୍ସବକୁ ଅଧାପକ ଶାନ୍ତନୁ କୁମାର ମାଟି, ସନ୍ଦୀପ କୁମାର ବଳ, ନଗେନ୍ଦ୍ରନାଥ ପାଣି, ଅଧାପକ ଧନେଶ୍ୱର ନାୟକ, ଚିତ୍ତରଞ୍ଜନ ଜେନା, ଅଧାପକ ରଘୁନାଥ ସାହୁ ଓ ଅଧାପିକା ରୁଦ୍ରାଣୀ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ଭିଟାମାଟି ସାହିତ୍ୟ ସଂସଦର ଆଲୋଚନାଚକ୍ର

# ଓଡ଼ିଆ ସାହିତ୍ୟର ଅନନ୍ୟ ବିନ୍ଧାଣି ଥିଲେ ଫକୀରମୋହନ



ଆଲୋଚନାଚକ୍ରରେ ଉପସ୍ଥିତ ଆଲୋଚକଗଣ।

**ଡେରାବିଶ, ୧୪।୧(ସ୍ୱ.ପ୍ର.)**

ଓଡ଼ିଆ ସାହିତ୍ୟର ଅନନ୍ୟ ବିନ୍ଧାଣି ଥିଲେ ଫକୀରମୋହନ ସେନାପତି। ତାଙ୍କ ଲିଖିତ ଛ ମାଣ ଆଠଗୁଣ୍ଠ, ମାମୁଁ ଓ ଲଛମା ଉପନ୍ୟାସ ଅଦ୍ୟାବଧି କାଳଜୟୀ ପୁସ୍ତକ ଭାବେ ଜନମାନସରେ ଉଭା ହୋଇଛି। ଗଳ୍ପ ଓ ଉପନ୍ୟାସର ନାରୀ ଚରିତ୍ର ସାରିଆ, ରେବତୀ, ସୁଲୋଚନା ଆଦି ପ୍ରାକ୍ ସ୍ୱାଧୀନତା କାଳର ହୋଇଥିଲେ ମଧ୍ୟ ଅଦ୍ୟାବଧି ଏହି ଚରିତ୍ରମାନଙ୍କୁ ଆମେ ପ୍ରତିଦିନ ଭେଟୁଛୁ। ତାଙ୍କ ଦ୍ୱାରା ଲିଖିତ ଉପନ୍ୟାସ ଛମାଣ ଆଠଗୁଣ୍ଠ କେନ୍ଦ୍ରାପଡା ସହରର ଡାଇମଣ୍ଡ ଜୁବିଲିରେ ଲେଖିଥିବା ଗବେଷଣାରୁ ପ୍ରମାଣିତ ହୋଇଛି। ଫକୀରମୋହନ ଓ କେନ୍ଦ୍ରାପଡାର ସମ୍ବନ୍ଧ ସମ୍ପର୍କରେ ଅଧିକ ଗବେଷଣା ଆବଶ୍ୟକ ଅଛି ବୋଲି ଡେରାବିଶ ବ୍ଲକ ଜହ୍ନିମୂଳ (କୋଷିଦା)ଠାରେ ସୋମବାର ଆୟୋଜିତ ଆଲୋଚନା ଚକ୍ରରେ ଆଲୋଚକମାନେ ମତ ଦେଇଛନ୍ତି। ଭିଟାମାଟି ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଆଲୋଚନା ଚକ୍ରରେ ବ୍ୟାସକବି ଫକୀରମୋହନ ଓ ସାମ୍ପ୍ରତିକ ସମାଜ ଶୀର୍ଷକ ବିଷୟ ଥିଲା। ଶିକ୍ଷାବିତ୍ ରାଜକିଶୋର ଜେନାଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ଡା. ବାସୁଦେବ ଦାସ, ଉଦ୍ଧବ ଚରଣ ପାତ୍ର, ଡା. ରତ୍ନାକର ମଲ୍ଲିକ, ଶରତ ଚନ୍ଦ୍ର ରଥ, ଶୁଭ୍ରାଂଶୁ କୁମାର ଦାସ, ମନ୍ମଥ କୁମାର ବରାଳ ଆଲୋଚକ ଭାବେ ଯୋଗ ଦେଇଥିଲେ। ସେମାନେ ଦର୍ଶାଇଥିଲେ ଯେ, ବ୍ୟାସକବିଙ୍କ ଆତ୍ମଚରିତ ପୁସ୍ତକର ପ୍ରଥମ ଅନୁଚ୍ଛେଦରେ କେନ୍ଦ୍ରାପଡ଼ା ସବ୍ ଡିଭିଜନସ୍ଥିତ କୋଶିଦା ଗ୍ରାମରେ ତାଙ୍କ ପୂର୍ବଜଙ୍କ ଭିଟାମାଟି ଥିବା ଉଲ୍ଲେଖ ଅଛି। ତାଙ୍କ ଆତ୍ମଜୀବନୀ ଅନୁଯାୟୀ ୧୮୯୯ ମସିହା ଅକ୍ଟୋବର ୨୭ ତାରିଖରେ କେନ୍ଦ୍ରାପଡ଼ାର ତତ୍କାଳୀନ ଜମିଦାର ଲକ୍ଷ୍ମୀନାରାୟଣ ଜଗଦ୍ଦେବଙ୍କ ଜମିଦାରୀ ବୁଝାଶୁଝା ପାଇଁ ଫକୀରମୋହନ ପରିଚାଳକ ଭାବେ ଆସି ରହିଥିଲେ। ଏହି ସମୟରେ ସେ ସହରସ୍ଥ ଡାଇମଣ୍ଡ ଜୁବିଲି ପାଠାଗାରରେ ବସି ଛମାଣ ଆଠଗୁଣ୍ଠ ଉପନ୍ୟାସ ରଚନା କରିଥିଲେ। ଏହି ଉପନ୍ୟାସର ଅଧିକାଂଶ ଚରିତ୍ର କେନ୍ଦ୍ରାପଡ଼ାର ବୋଲି ସେମାନେ ଏଠାରେ ଦାବି କରିଥିଲେ। ଏହାର ଅଧିକ ଗବେଷଣା ହେଲେ ବହୁ ତଥ୍ୟ ଉନ୍ମୋଚିତ ହେବ ବୋଲି ଆଲୋଚକମାନେ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ବ୍ୟାସକବିଙ୍କ ୧୭୬ତମ ଜୟନ୍ତୀ ଉପଲକ୍ଷେ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅଜୟ କୁମାର ମଲ୍ଲ, ପ୍ରଦୀପ କୁମାର ମଲ୍ଲ, ପ୍ରମୋଦ କୁମାର ମଲ୍ଲ, ରାଜକିଶୋର ମଲ୍ଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶାରଳାଙ୍କୁ ମକର ଚାଉଳ ଲାଗି



ଶୋଭାଯାତ୍ରାରେ ମା'ଶାରଳାଙ୍କ ଆଜ୍ଞାମାଳ ନିଆଯାଉଛି।

ତିର୍ତ୍ତୋଲ,୧୪।୧(ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକର ପ୍ରସିଦ୍ଧ ଝଙ୍କଡ ଶାରଳା ପୀଠରେ ପବିତ୍ର ମକର ସଂକ୍ରାନ୍ତିରେ ମକର ଚାଉଳ ଭୋଗ ହୋଇଛି। ପୂର୍ବାହ୍ନରେ ମନ୍ଦିରର ବଡ଼ପଣ୍ଡା ପ୍ରଜ୍ଞାଦୀପ୍ତ ପଣ୍ଡାଙ୍କ ସହିତ ନିମାଇଁ ଚରଣ ରାଉଳ ଓ ଭାଗୀରଥି ରାଉଳ ମା'ଙ୍କ ଆଜ୍ଞାମାଳ ଧରି ବଉଳ ବେଢା ୩ ଥର ପରିକ୍ରମା କରିଥିଲେ। ପ୍ରଥମେ ବଡପଣ୍ଡା ମା'ଙ୍କୁ ମକର ଚାଉଳ ଭୋଗ ଲାଗି କରିବା ପରେ ଶ୍ରଦ୍ଧାଳୁମାନେ ମକର ଚାଉଳ ଲାଗି କରିଥିଲେ। ମନ୍ଦିର ପରିସରରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେବା ସହ ଶ୍ରଦ୍ଧାଳୁ ମକର ଚାଉଳ ପାଇଥିଲେ। ଭିଡକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ତିର୍ତ୍ତୋଲ ଥାନା ପକ୍ଷରୁ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ।




## ସଂକ୍ଷେପରେ

### ଶ୍ରମିକ ଛଟେଇ ନେଇ ଯୁଗ୍ମ ଶ୍ରମ ଆଯୁକ୍ତଙ୍କୁ ଅଭିଯୋଗ

**ଯାଜପୁରରୋଡ,୧୪।୧(ନି.ପ୍ର.):** ସୋମବାର କଳିଙ୍ଗନଗରସ୍ଥିତ ଭିସା ଷ୍ଟିଲ୍ ଅଧୀନରେ କାର୍ଯ୍ୟ କରୁଥିବା ଠିକା କମ୍ପାନୀ ଗ୍ଲୋବାଲ କନଷ୍ଟ୍ରକସନ ଜାନୁୟାରୀ ୧ରୁ ବର୍ତ୍ତମାନ ସୁଦ୍ଧା ୧୦୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ବିନା ନୋଟିସରେ ଛଟେଇ କରିଛି। ଏ ନେଇ ଆଇଏନ୍‌ଟିୟୁସି ଜିଲା ସଭାପତି ବିଦ୍ୟାଧର ମହାନ୍ତି ଓ ପରମାନନ୍ଦ ସେଠୀଙ୍କ ନେତୃତ୍ୱରେ ଶ୍ରମିକମାନେ ଯୁଗ୍ମ ଶ୍ରମ ଆଯୁକ୍ତଙ୍କ ନିକଟରେ ସୋମବାର ଅଭିଯୋଗ କରିଛନ୍ତି। ଶ୍ରମିକମାନେ ୧୩ ବର୍ଷ ଧରି ବିଭିନ୍ନ ଠିକାଦାରଙ୍କ ନିକଟରେ କାମ କରୁଥିଲେ। ଠିକାଦାର ପରିବର୍ତ୍ତନ ହେଉଥିଲେ ମଧ ସେମାନେ କାମ ପାଉଥିଲେ। ବର୍ତ୍ତମାନ କଞ୍ଚାମାଲର ଅଭାବ ଦେଖାଇ ସେମାନଙ୍କୁ ଛଟେଇ କରାଯାଇଥିବା ପରମାନନ୍ଦ ସେଠୀ ଅଭିଯୋଗରେ କହିଛନ୍ତି। ଯୁଗ୍ମ ଶ୍ରମ ଆଯୁକ୍ତ ଅଭିଯୋଗକୁ ଗ୍ରହଣ କରି ୨୨ ତାରିଖ ସୁଦ୍ଧା ତଦନ୍ତ କରିବାକୁ ଜିଲା ଶ୍ରମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ଦୁଇ ବଖରା ଜଳିଗଲା

**ବାଲିକୁଦା,୧୪।୧(ସ୍ୱ.ପ୍ର.):** ବାଲିକୁଦା ତହସିଲ ଅଧୀନ ବରମୁଣ୍ଡଳି ଗାଁରେ ସୋମବାର ସନ୍ଧ୍ୟାରେ ଜଟାଧାରୀ ନନ୍ଦ ଓ ଲକ୍ଷ୍ମୀଧର ନନ୍ଦଙ୍କ ଗୋଟିଏ ଲେଖାଁଏ ବଖରା ପୋଡ଼ିଯାଇଛି। ମଶା ଧୂଆଁରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ବାଲିକୁଦା ଅଗ୍ନିଶମ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ନବଘନ ମଲ୍ଲିକ ନିଜ ଟିମ ସହ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଏଥିରେ ଉଭୟ ପରିବାରଙ୍କ ବହୁ ସମ୍ପତ୍ତି ଓ ଆସବାବପତ୍ର ପୋଡ଼ିଯାଇଛି।

# ପାରାଦୀପ ବାଣିଜ୍ୟ ମେଳା ଆରମ୍ଭ

ପାରାଦୀପ,୧୪।୧(ସ୍ୱ.ପ୍ର.)

ସ୍ଥାନୀୟ ବତୀଘର ପାଖ ବେଳାଭୂମିରେ ସୋମବାର ସନ୍ଧ୍ୟାରେ ବାଣିଜ୍ୟ ମେଳା ଆରମ୍ଭ ହୋଇଛି। ଏହା ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ୧୦ଦିନ ଧରି ଚାଲିବ। ଉଦ୍‌ଘାଟନୀ ଉତ୍ସବରେ ଏମପି କୁଳମଣି ସାମଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଏଏସ୍‌ପି ବିଷ୍ଣୁଚରଣ ମିଶ୍ର, ଉପାଧ୍ୟକ୍ଷା ପ୍ରଭାତି ନାୟକ, କାଉନସିଲର ଚପଳା ସ୍ୱାଇଁ, ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବାଣିଜ୍ୟ ମେଳା କମିଟି ସମ୍ପାଦକ ଦେବୀ ପ୍ରସାଦ ଦାସ ବାଣିଜ୍ୟ ମେଳାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ମେଳାରେ ୧୩୦ଟି ବ୍ୟବସାୟିକ ଷ୍ଟଲ ପଡିଛି। ଏଥିରେ ବିଭିନ୍ନ ପ୍ରକାର ଘରକରଣା ସାମଗ୍ରୀ ଓ କେତେକ ଘରୋଇ କମ୍ପାନୀର ଉତ୍ପାଦ ବିକ୍ରି ହେଉଛି। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ସୂଚନା ଦିଆଯାଇଛି।



ପାରାଦୀପ ବାଣିଜ୍ୟ ମେଳା ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ଅତିଥି।

### ବିଦ୍ୟାଭାରତୀରେ ମକର ମିଳନ

କୁଜଙ୍ଗ,୧୪।୧(ସ୍ୱ.ପ୍ର.)

କୁଜଙ୍ଗ ବ୍ଲକ୍ ପଙ୍କପାଳସ୍ଥିତ ବିକେ ଚୌଧୁରୀ ମେମୋରିଆଲ୍ ସ୍କୁଲ ବିଦ୍ୟାଭାରତୀରେ ମକର ମିଳନ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଯଜ୍ଞ ଓ ବାର୍ଷିକ ଯୋଜନା ପ୍ରସ୍ତୁତି ହୋଇଥିଲା। ସ୍କୁଲ ଅଧ୍ୟକ୍ଷା ସ୍ୱପ୍ନଲତା ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରତିଷ୍ଠାତା ଚୌଧୁରୀ ପଦ୍ମନାଭ ମିଶ୍ର ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ଶିକ୍ଷା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ଆଗାମୀ ଯୋଜନା, ସଂଗଠନ, ତଥା ସେବା ବିଷୟରେ ବ୍ୟାପକ ଆଲୋଚନା କରିଥିଲେ। ଉପସଭାପତି ବିଭୂତି ଭୂଷଣ ଦାସ ମାର୍ଗ ଦର୍ଶନ କରିଥିଲେ। ଚୌଧୁରୀ ଅମୀୟ କୁମାର ମିଶ୍ର ଉପସ୍ଥିତ ଥିଲେ।

# ନିଯୁକ୍ତି ମେଳାରେ ୨୦ ଜଣଙ୍କୁ କର୍ମସଂସ୍ଥାନ

ରଘୁନାଥପୁର, ୧୪ ।୧( ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ପୁରଣ ଓଡପଡାସ୍ଥିତ ସଂକେତ ଆଇଟିଆଇ ଓ ପବ୍ଲିକ ସ୍କୁଲ ପକ୍ଷରୁ ଏକ କର୍ମ ନିଯୁକ୍ତି ମେଳାର ଆୟୋଜନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ବଦ୍ରିନାରାୟଣ ମହାନ୍ତିଙ୍କ ଉଦ୍ୟମକ୍ରମେ ତାଲିମପ୍ରାପ୍ତ ଆଇଟିଆଇର ଛାତ୍ରୀଛାତ୍ରମାନେ କିପରି ସ୍ୱାବଲମ୍ବୀ ହୋଇ ନିଜର ଜୀବିକା ନିର୍ବାହ କରିପାରିବେ ସେ ନେଇ ଏକ ବିଶେଷ ବୈଠକ ବସିଥିଲା। ଏଥିରେ ଡ. ଗିରୀଶ ସ୍ୱାଇଁ ମୁଖ୍ୟଅତିଥି, ଯଶସ୍ୱୀ ଗ୍ରୁପର ଆଞ୍ଚଳିକ ମୁଖ୍ୟ ଅନିଲ ତ୍ରିପାଠୀ ମୁଖ୍ୟବକ୍ତା, ପତ୍ରିକାର ସମ୍ପାଦିକା ସ୍ୱୟଂପ୍ରଭା ପାଢୀ ଏବଂ ପବ୍ଲିକ ସ୍କୁଲର ଅଧ୍ୟକ୍ଷା ଶିବାନୀ ଭଟ୍ଟାଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ନିଯୁକ୍ତମେଳାରେ ମହାରାଷ୍ଟ୍ର ପୁଣେରୁ ଆସିଥିବା ବିଭିନ୍ନ କମ୍ପାନୀ ପକ୍ଷରୁ ୫୦ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୨୦ ଜଣଙ୍କୁ କର୍ମ ନିଯୁକ୍ତି ମେଳା ମାଧ୍ୟମରେ ସଂସ୍ଥାନ ଯୋଗାଇ ଦେବାକୁ କହିଥିଲେ। କମ୍ପାନୀଗୁଡିକ ଗ୍ରାମାଞ୍ଚଳର ତାଲିମପ୍ରାପ୍ତ ଯୁବତୀଯୁବକଙ୍କୁ କର୍ମ ସଂସ୍ଥାନ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିବା ସମ୍ପାଦକ ମହାନ୍ତି କହିଥିଲେ। ଏହି ଅବସରରେ ଉପସ୍ଥିତ ଆଇଟିଆଇ ଛାତ୍ରୀଛାତ୍ରଙ୍କୁ ନେଇ ଯୁବ ଦିବସର ତାତ୍ପର୍ଯ୍ୟ ଅଧିକାର ଓ କର୍ତ୍ତବ୍ୟ ଶୀର୍ଷକ ଏକ ବକ୍ତୃତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ପକ୍ଷରୁ ପୁରସ୍କାର ବିତରଣ କରାଯାଇଥିଲା।

# କାର୍ଯ୍ୟରତ ନିର୍ବାହୀ ଅଧିକାରୀଙ୍କୁ ଗାଳିଗୁଲଜ, ୩ ଯୁବକ ଗିରଫ

ବରୀ,୧୪।୧(ସ୍ୱ.ପ୍ର.)

ବରୀ ନିର୍ବାଚନମଣ୍ଡଳୀ ଅଧୀନ ସାହାସପୁର ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ୩ ଯୁବକ ପଶି କାର୍ଯ୍ୟରେ ବାଧା ସୃଷ୍ଟି କରିବା ସହ କାର୍ଯ୍ୟରତ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋରଞ୍ଜନ ସାମଲଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। କୌଣସି ସୂତ୍ରରୁ ଖବରପାଇ ଯାଜପୁର ସଦର ଥାନାଧିକାରୀ ଦୁଷ୍ମନ୍ତ ନାୟକ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରଥିଲା। ପରେ ନିର୍ବାହୀ ଅଧିକାରୀ ସାମଲ ସଦର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(୮/୧୯) ରୁଜୁ କରିଛି। ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ଗୋବିନ୍ଦପୁର ଗ୍ରାମର ଗିରିଧାରୀ ଜେନା, ବାଙ୍କୁ ଦାସ ଓ ମାନ ଜେନା। ଘଟଣାରୁ ପ୍ରକାଶ ଯେ, ହିତାଧିକାରୀ ରାଜ୍ୟ ସରକାରଙ୍କ କାଳିଆ ଯୋଜନାରେ ଫର୍ମ ପକାଇବାକୁ ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁଥିଲେ। ୧୨ଟା ପରେ ନିର୍ବାହୀ ଅଧିକାରୀ ଅଫିସ୍ କାମରେ କିଛି ସମୟ ପାଇଁ ବାହାରକୁ ଯାଇଥିଲେ। ଏହି ସମୟରେ ସ୍ଥାନୀୟ ଗୋବିନ୍ଦପୁର ଗ୍ରାମର ୩ ଜଣ ଯୁବକ କାର୍ଯ୍ୟାଳୟ ଭିତରେ ପଶି ନିର୍ବାହୀ ଅଧିକାରୀଙ୍କୁ ଖୋଜିବା ସହ ୧୨ଟା ପରେ କାହିଁକି କାର୍ଯ୍ୟାଳୟ ଛାଡି ଯାଉଛ କହି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିସହ ଫର୍ମ ବାକ୍ସକୁ ଚେପା କରିଦେଇଥିଲେ। ୨ ଘଣ୍ଟା ପରେ ନିର୍ବାହୀ ଅଧିକାରୀ ପହଞ୍ଚିଥିଲେ। ଯୁବକମାନେ ସାମଲଙ୍କୁ କାର୍ଯ୍ୟାଳୟ ଭିତରେ ଘେରିଯାଇ ତାଙ୍କ ମୋବାଇଲ ଛଡାଇ ନେଇଥିଲେ। ଏ ସଂକ୍ରାନ୍ତରେ ଅଧିକାରୀ ସାମଲଙ୍କୁ ପଚାରିବାରେ, ଯୁବକମାନେ ଉନ୍ମତ୍ତ କାଣ୍ଡ ଘଟାଇବା ସହ ତାଙ୍କ ମୋବାଇଲ ଛଡାଇ ନେଇଥିବା କହିଥିଲେ।




■ ପ୍ରସିଦ୍ଧ ମକରଯାତ୍ରା ଆରମ୍ଭ

# ପଞ୍ଚୁଦୋଳ ମେଳଣ ମୁଖ୍ୟ ଆକର୍ଷଣ

ଜଗତ୍‌ସିଂହପୁର ଅଫିସ,୧୪।୧

ଜଗତ୍‌ସିଂହପୁରର ମକର ଯାତ୍ରା ସ୍ୱତନ୍ତ୍ର। ୧୫ ଦିନ ଧରି ହେଉଥିବା ଏହି ଯାତ୍ରାକୁ ବହୁ ଦୂର ଦୂରାନ୍ତରୁ ଶ୍ରଦ୍ଧାଳୁମାନେ ଆସିଥାନ୍ତି। ପଞ୍ଚଦୋଳ ମେଳଣ ଏହି ଯାତ୍ରାର ପ୍ରମୁଖ ଆକର୍ଷଣ। ତେବେ ଯାତ୍ରାରେ ବିଭିନ୍ନ ଘରକରଣା ସାମଗ୍ରୀ, ସୁସ୍ୱାଦୁ ଖାଦ୍ୟ ଓ ପିଲାଙ୍କ ଖେଳଣା ଆଦି ମିଳୁଥିବାରୁ ତାହା କିଣିବା ପାଇଁ ପ୍ରବଳ ଗହଳି ହୋଇଥାଏ। ପଥର, କାଠ, ଲୁହା, ପିତଳ, ତମ୍ବା ତିଆରି ଅନେକ ସାମଗ୍ରୀ ଏଠାରେ ମିଳେ। ଅପେରା ସାଙ୍ଗକୁ ରାମ ଦୋଳି, ସର୍କସ ଓ ମ୍ୟାଜିକ ଆଦି ମଧ ସମସ୍ତଙ୍କୁ ଆକର୍ଷିତ କରିଥାଏ। ସୋମବାରଠାରୁ ଏହି ଯାତ୍ରା ଆରମ୍ଭ ହୋଇଛି।

ପରମ୍ପରା ଅନୁଯାୟୀ ହାଟବଜାରସ୍ଥିତ ମୁଚୁକୁନ୍ଦ ସୋମନାଥଙ୍କ ପୀଠରେ ହରିହର ଭେଟ ପାଇଁ ୫ ଦୋଳ ମେଳଣ ହୋଇଛି। ୧୮୯୦ରେ ମକର ଯାତ୍ରା ହେଉଥିବା ସ୍ଥାନ ନୂଆହାଟ ପ୍ରତିଷ୍ଠା ହୋଇଥିଲା। ସମାନ ସମୟରେ ଏହି ସ୍ଥାନରେ ମକର ଯାତ୍ରା ଆରମ୍ଭ ହୋଇଥିଲା। ଅପରାହ୍ନରୁ ଚାରିଦୋଳ ଅର୍ଥାତ୍ ଉତ୍ତର ପଟୁ ସିପିସ୍ଥିତ ମୁକ୍ତେଶ୍ୱର, ଦକ୍ଷିଣରୁ ଦେଭୋଗ (ରସଲପୁର)ର ରାଧାମାଧବ, ପୂର୍ବ ଚାତ୍ରାର ଶ୍ରୀରାଧାକାନ୍ତ ଏବଂ ପଶ୍ଚିମ ପଟୁ ଏହି ଗ୍ରାମରେ ଅବସ୍ଥିତ ରାଧାକାନ୍ତ ମେଳଣ ପଡିଆକୁ ଶୋଭାଯାତ୍ରାରେ ଯାଇଥିଲେ। ଥାନପତି ମୁଚୁକୁନ୍ଦ ସୋମନାଥ ମହାଦେବ ୪ ଦୋଳଙ୍କୁ ସ୍ୱାଗତ କରି ମେଳଣ ସ୍ଥଳକୁ ନେଇଥିଲେ। ପଞ୍ଚୁଦୋଳ ମେଳଣ ନିମିତ୍ତ ସମସ୍ତ ପୂଜାପାଠ, ମକର ଚାଉଳ ଭୋଗ ହୋଇଥିଲା। ସଂକୀର୍ତ୍ତନରେ ସମଗ୍ର ଅଞ୍ଚଳ ଉଚ୍ଛୁଳି ପଡ଼ିଥିଲା। ରାତିରେ ପାର୍ବତୀ ଓ ତ୍ରିନାଥ ଗଣନାଟ୍ୟ ପକ୍ଷରୁ ମାଗଣା ଅପେରା ପ୍ରଦର୍ଶିତ ହୋଇଥିଲା। ଚଳିତବର୍ଷ ମକର ଯାତ୍ରାରେ ଶତାଧିକ ଷ୍ଟଲ କରାଯାଇଛି। ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି କହିଛନ୍ତି, ଅତୀତରେ ମକର ବୁଡ ପକାଇବା ପାଇଁ ଭୋରୁ ମେଳଣ ପଡିଆ ନିକଟ ଅଳକା ନଦୀ ତୁଠରେ ଭିଡ ଜମାଉଥିଲେ। ଏପରି କି ଜିଲାର ବିଭିନ୍ନ ଗାଁରୁ ସ୍ତ୍ରୀ ପୁରୁଷ ଓ ପିଲାମାନେ ଶଗଡ଼ରେ ଆସୁଥିଲେ। ୨/୪ ଦିନ ରହି ଯାତ୍ରା ଉପଭୋଗ କରି ଫେରି ଯାଉଥିଲେ। ଜଗତସିଂହପୁରରେ ଏତେ ଗହଳି ହେଉଥିଲା ତାହା ଅବର୍ଣ୍ଣନୀୟ। କିନ୍ତୁ ସେ ଦିନ ଆଜି ନ ଥିଲେ ସୁଦ୍ଧା ମକର ଯାତ୍ରାର ଚମକ ରହିଛି।



ମକର ମେଳଣରେ ସାମିଲ ହୋଇଥିବା ୫ ଦୋଳ।

■ ପ୍ରଥମ ଦିନ ମାଗଣା ଅପେରା

■ ଘରକରଣା ସାମଗ୍ରୀ କିଣିବାକୁ ଭିଡ଼



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ଯାହାର ମନ ପବିତ୍ର ନୁହେଁ, ସେ ପ୍ରତ୍ୟେକ ଭଲ ଲୋକର ଶତ୍ରୁ।

-ବିଚର

## ସଂକ୍ଷେପରେ

### ଗାଡ଼ି ଜବତ : ୧୩ ଗୋରୁ ଉଦ୍ଧାର



**ନୟାଗଡ଼ ଅଫିସ,୧୪।୧:** ନୟାଗଡ଼ ଟାଉନ ଥାନା ସିନ୍ଦୂରିଆ ଛକଠାରୁ ଗୋରୁ ନେଇ ଯାଉଥିବା ଏକ ପିକଅପ୍ ଭ୍ୟାନକୁ ଜବତ କରାଯାଇଛି। ଓଡ଼ି ୩୩ ଏ ୨୨୭୦ନଂ. ବିଶିଷ୍ଟ ଉକ୍ତ ଗାଡ଼ି ୧୩ଟି ଗାଈ ନେଇ ଭୁବନେଶ୍ୱର ଯାଉଥିବା ବେଳେ ଖବରପାଇ ପୋଲିସ ସିନ୍ଦୂରିଆ ଛକଠାରେ ଉକ୍ତ ଗାଡ଼ିକୁ ଅଟକାଇ ଥିଲା। ପରେ ଗାଡିକୁ ଜବତ କରି ଗୋରୁମାନଙ୍କୁ ଉଦ୍ଧାର କରାଯାଇଥିଲା। ଡ୍ରାଇଭରଙ୍କୁ ଗିରଫ କରାଯାଇଥିବାବେଳେ ସେ ଜାମିନରେ ଆସିଥିବା ଜଣାଯାଇଛି। ଗୋରୁମାନଙ୍କୁ ଡିମିରିପଲ୍ଲୀ ଗୋଶାଳାକୁ ପଠାଯାଇଛି। ଏ ନେଇ ଥାନାରେ ୮/୧୯ରେ ମାମଲା ରୁଜୁ କରାଯାଇଥିବା ଥାନା ଏଏସ୍ଆଇ ଅଶୋକ ମହାନ୍ତି ପ୍ରକାଶ କରିଛନ୍ତି।

### ଦଶପଲ୍ଲା କପ ଫୁଟବଲ୍ : ସଂଘର୍ଷ କ୍ଲବ ଫାଇନାଲରେ



**ଦଶପଲ୍ଲା, ୧୪।୧(ଡି.ଏନ.ଏ.):** ଦଶପଲ୍ଲା ଗାନ୍ଧୀ ପଡିଆ ଠାରେ ସ୍ପୋର୍ଟିଭ୍ ସୋସାଇଟି ଆନୁକୂଲ୍ୟରେ ଚାଲିଥିବା ଦଶପଲ୍ଲା କପ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ଖେଳ ସଂଘର୍ଷ କ୍ଲବ ଭୁବନେଶ୍ୱର ଓ ସ୍ପୋର୍ଟିଭ ସ୍ପୋର୍ଟସ୍ ଦଶପଲ୍ଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର୍ଷ କ୍ଲବ ଭୁବନେଶ୍ୱର ୩-୧ରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଉକ୍ତ ଖେଳରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ତହସିଲଦାର ପ୍ରମୋଦ କୁମାର ଦଳବେହେରା ଯୋଗ ଦେଇଥିଲେ। ମଙ୍ଗଳବାର ରେଙ୍ଗାଲି ଝାରସୁଗୁଡା ଓ ଜୁଭେନଟସ୍ କୋରାପୁଟ ମଧ୍ୟରେ ଖେଳ ଅନୁଷ୍ଠିତ ହେବ। ସୋମବାର ଖେଳ ପରିଚାଳନା କରିଥିଲେ ଶ୍ୟାମସୁନ୍ଦର ସାହା, ରାଜୁ ମହାନ୍ତି, ପ୍ରସନ୍ନ ନାୟକ ଓ ରବି ନାୟକ।

### ଗଦି ମିସ୍ତ୍ରିଙ୍କ ଆତ୍ମହତ୍ୟା

**ଦଶପଲ୍ଲା,୧୪।୧(ଡି.ଏନ.ଏ.):** ଦଶପଲ୍ଲା ପେଟ୍ରୋଲ ଟାଙ୍କି ନିକଟରେ ଗଦି ଦୋକାନ କରିଥିବା ସେଖ୍ ପରବେଜ ଇମାମ୍ (୫୦) ନାମକ ଜଣେ ଗଦି ମିସ୍ତ୍ରି ସୋମବାର ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଅପରାହ୍ନରେ ପରିବାରର କୌଣସି ସଦସ୍ୟ ଘରେ ନ ଥିବା ବେଳେ ସେ ଆତ୍ମହତ୍ୟା କରିଥିଲେ। ତେବେ ପଡୋଶୀ ଏହା ଜାଣିବା ପରେ ତାଙ୍କୁ ଉଦ୍ଧାର କରି ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆତ୍ମହତ୍ୟାର କାରଣ ସ୍ପଷ୍ଟ ଜଣାପଡି ନ ଥିବା ବେଳେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବାସହ ତଦନ୍ତ ଜାରି ରଖିଛି।

### ନାବାଳିକା ଅପହରଣ: ୩ଜଣଙ୍କ ନାମରେ ମାମଲା

**ଖଣ୍ଡପଡା,୧୪।୧(ସ୍ୱ.ପ୍ର.):** ଖଣ୍ଡପଡା ଥାନା ଅଞ୍ଚଳର ଜଣେ ୧୬ ବର୍ଷର ନାବାଳିକାଙ୍କୁ ଅପହରଣ କରିନିଆ ଯାଇଥିବା ନେଇ ଉକ୍ତ ଛାତ୍ରୀଙ୍କ ପରିବାର ପକ୍ଷରୁ ଖଣ୍ଡପଡା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ବିଭିନ୍ନ ଦଫାରେ ୩ଜଣଙ୍କ ନାମରେ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଥିବା ଆଇଆଇସି ବିମଳ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ଗତ ୨ଦିନ ତଳେ ନାବାଳିକା ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ନେଇ ପରିବାର ସୂତ୍ରରୁ ଜଣାପଡିଛି।

### ଯାନବାହନ ଯାଞ୍ଚ, ଜରିମାନା ଆଦାୟ

**ଖଣ୍ଡପଡା,୧୪।୧(ସ୍ୱ.ପ୍ର.):** ଖଣ୍ଡପଡା ଅଞ୍ଚଳର ୨ଟି ସ୍ଥାନରେ କ୍ରମାଗତ ଭାବେ ୨ ଦିନ ଧରି ଯାନବାହନ ଯାଞ୍ଚ କରାଯାଇ ଜରିମାନା ବାବଦରେ ମୋଟ ୨୨ ହଜାର ୬୬୦ ଟଙ୍କା ଆଦାୟ କରାଯାଇଥିବା ଖଣ୍ଡପଡା ଥାନା ଆଇଆଇସି ବିମଳ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ଖଣ୍ଡପଡା ବ୍ଲକ ଛକ ଓ ସିଧାମୂଳା ପଞ୍ଚାୟତର ରାଜକିଆରୀ ଛକରେ ଏହି ଯାଞ୍ଚ କରାଯାଇଥିଲା। ଖଣ୍ଡପଡା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ମନସ୍ୱିନୀ ରଥଙ୍କ ଉପସ୍ଥିତିରେ ପୋଲିସ କର୍ମଚାରୀମାନେ ଯାନବାହନ ଯାଞ୍ଚ କରିଥିଲେ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା

# ଘର ଶେଷ ହେଲା, ମିଳିଲାନି ଚତୁର୍ଥ କିସ୍ତି ଅର୍ଥ

- ପ୍ରୋତ୍ସାହନ ରାଶି ଦିଆଯାଉନି
- ହିତାଧିକାରୀଙ୍କୁ ଭଣ୍ଡାଉଛି ପ୍ରଶାସନ

**ନୟାଗଡ଼ ଅଫିସ,୧୪।୧**

ଗରିବ ଲୋକଙ୍କ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପକ୍କା ଘର ଯୋଜନା କରାଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ହେଉ କି ବିଜୁ ପକ୍କା ଘର ଯୋଜନା, ଏଥିରେ ଜଣେ ହିତାଧିକାରୀଙ୍କୁ ୪ଟି କିସ୍ତିରେ ୧ ଲକ୍ଷ ୩୦ ହଜାର ଟଙ୍କା ପ୍ରଦାନ କରାଯାଏ। କାର୍ଯ୍ୟାଦେଶ ଦେବା ବେଳେ ପ୍ରଥମ କିସ୍ତି ବାବଦକୁ ୨୦ ହଜାର ଟଙ୍କା, ପ୍ଲିଣ୍ଟ ହେବା ପରେ ଦ୍ୱିତୀୟ କିସ୍ତି ୩୫ ହଜାର ଟଙ୍କା, ଛାତ ଲେବଲ୍ ହେବା ପରେ ତୃତୀୟ କିସ୍ତି ୪୫ ହଜାର ଓ ଶେଷରେ ଘର କାର୍ଯ୍ୟ ଶେଷ ହେବା ପରେ ଚତୁର୍ଥ କିସ୍ତି ୩୦ ହଜାର ଟଙ୍କା ପ୍ରଦାନ କରାଯାଏ। ଏହା ବାଦ୍ ୪ ମାସରେ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ କଲେ ଅଧିକ ୨୦ ହଜାର ଓ ୬ ମାସରେ ସମ୍ପୂର୍ଣ୍ଣ କଲେ ଅଧିକ ୧୦ ହଜାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଏ। ହେଲେ ନୟାଗଡ଼ ଜିଲା ସଦର ବ୍ଲକ ନାଟୁଗାଁ ପଞ୍ଚାୟତ ସାଲୁଣି ଗ୍ରାମରେ କିନ୍ତୁ ଏହି ନିୟମର ଉଲ୍ଲଂଘନ କରାଯାଇଛି। ଜଣେ ହିତାଧିକାରୀଙ୍କୁ ପ୍ରଶାସନ ତରଫରୁ ହଇରାଣ କରାଯାଇଥିବା ଅଭିଯୋଗ ହୋଇଛି। ପ୍ରୋତ୍ସାହନ ରାଶି ତ ଦୂରର କଥା ୪ର୍ଥ କିସ୍ତି ଟଙ୍କା ଏ ପର୍ଯ୍ୟନ୍ତ ମିଳିନାହିଁ।

ହିତାଧିକାରୀ ଜଣଙ୍କ ହେଲେ ସାଲୁଣୀ ଗ୍ରାମର ଧ୍ରୁବ ଚରଣ ସ୍ୱାଇଁ। ଧ୍ରୁବ ୭ ମେ ୨୦୧୮ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ବିଜୁ ପକ୍କା ଘର ଯୋଜନାର କାର୍ଯ୍ୟାଦେଶ ପାଇଥିଲେ। ଏହାପରେ ସେ ୪ ମାସ ମଧ୍ୟରେ ଘର କାମ ଶେଷ କରିଦେଇଥିଲେ। ୩ ମାସ ହେଲାଣି ସେ ଚତୁର୍ଥ କିସ୍ତି ପାଇଁ ବିଭିନ୍ନ ସମୟରେ ଭିଏଲ୍‌ଡବ୍ଲ୍ୟୁ ଓ ବ୍ଲକ୍‌କୁ ଆସି ବିଡ଼ିଓଙ୍କୁ ଦେଖା କରିଥିଲେ ମଧ୍ୟ ତାଙ୍କର ଚତୁର୍ଥ କିସ୍ତି ୩୦ ହଜାର ଟଙ୍କା ମିଳିନାହିଁ। ପୋତ୍ସାହନ ରାଶି ଦେବା ତ ଦୂରର କଥା ତାଙ୍କୁ ପ୍ରାପ୍ୟ ରାଶି ଦିଆଯାଉନାହିଁ। କୁହାଯାଉଛି ତୁମେ ଅନାବାଦି ଜାଗାରେ ଘର କରି ରହୁଛ, ତୁମକୁ ଆଉ ଟଙ୍କା ମିଳିବ ନାହିଁ। ଏଠାରେ ପ୍ରଶ୍ନ ଉଠୁଛି ଯଦି ଧ୍ରୁବ ଅନାବାଦି ଜାଗାରେ ରହୁଥିଲେ ତାହା ହେଲେ ସେଠାରେ ପକ୍କା ଘର କରିବା ପାଇଁ ପ୍ରଶାସନ କିପରି କାର୍ଯ୍ୟାଦେଶ ଦେଲା।




ଘର ଆଗରେ ଧ୍ରୁବଚରଣ।

ମିଳିଥିବା ସୂଚନା ଅନୁସାରେ, ସମ୍ପୃକ୍ତ ହିତାଧିକାରୀଙ୍କୁ ଜଣେ ଯୁବକ ଏ ନେଇ ପଚାରିବାରୁ ସେ ପକ୍କାଘର ପାଇବା ପାଇଁ ୧୦ ହଜାର ଟଙ୍କା ଜନୈକ ବ୍ୟକ୍ତିଙ୍କୁ ଦେଇଥିବା ପ୍ରକାଶ କରିଥିଲେ। ଏହା ପରେ ଯୁବକ ଜଣଙ୍କ ଉକ୍ତ ଭିଡ଼ିଓଟିକୁ ସୋସିଆଲ୍ ମିଡ଼ିଆରେ ଭାଇରାଲ୍ କରିଥିଲେ। ପରେ ହିତାଧିକାରୀଙ୍କଠାରୁ ଯେଉଁ ବ୍ୟକ୍ତି ଜଣଙ୍କ ଟଙ୍କା ନେଇଥିଲେ, ସିଏ ପ୍ରଶାସନକୁ କହି ତାଙ୍କର ଟଙ୍କା ବନ୍ଦ କରି ଦେଇଥିବା ଜଣାପଡ଼ିଛି। ଟଙ୍କା ନ ପାଇଲେ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟ ଆଗରେ ଆତ୍ମାହୁତି ଦେବେ ବୋଲି ଧ୍ରୁବ ପ୍ରକାଶ କରିଛନ୍ତି। ଏ ନେଇ ନୟାଗଡ଼ ବିଡିଓ ମନୋଜ ପାତ୍ରଙ୍କୁ ପଚାରିବାରୁ ସେ କୁହନ୍ତି ଧ୍ରୁବ ଅନାବାଦି ଜାଗାରେ ଘର କରିଛନ୍ତି। ଉକ୍ତ ଜାଗାକୁ ଅକ୍ତିଆର କରିଥିବା ବ୍ୟକ୍ତି ଏ ନେଇ ଅଭିଯୋଗ କରିବା ପରେ ଧ୍ରୁବଙ୍କୁ ଚତୁର୍ଥ କିସ୍ତି ଟଙ୍କା ମିଳି ନ ଥିବା ପାତ୍ର ପ୍ରକାଶ କରିଥିଲେ।

## ଦକ୍ଷିଣକୁ ଢଳିଲେ ସିଦ୍ଧେଶ୍ୱର ମହାଦେବ

- ଠାକୁରଙ୍କ ପହିଲି ଭୋଗ ନୀତି ଆଜିଠାରୁ ବନ୍ଦ



ସିଦ୍ଧେଶ୍ୱର ମହାଦେବ ଦକ୍ଷିଣକୁ ଢଳିଛନ୍ତି।

**ଖଣ୍ଡପଡା,୧୪।୧(ସ୍ୱ.ପ୍ର.)**

ମକର ସଂକ୍ରାନ୍ତିର ଅନ୍ୟ ଏକ ଆକର୍ଷଣ ହେଉଛି ନୀଳମାଧବ ଜୀଉଙ୍କ ମନ୍ଦିର ପାର୍ଶ୍ୱ ଦେବତା ଭାବେ ବିରାଜିତ ସିଦ୍ଧେଶ୍ୱର ମହାଦେବଙ୍କ ପାର୍ଶ୍ୱ ପରିବର୍ତ୍ତନ। ଏହି ଠାକୁରଙ୍କ ମହିମା ଅବର୍ଣ୍ଣନୀୟ। କପିଳ ସଂହିତାରେ ଉଲ୍ଲେଖ ଅଛି ଯେ, ସିଦ୍ଧେଶ୍ୱରଙ୍କ ଲିଙ୍ଗ ସୂର୍ଯ୍ୟଙ୍କ ଗତିର ବିପରୀତ ଦିଗକୁ ଆପେ ଆପେ ଢଳିଥାଏ। ସୂର୍ଯ୍ୟକର୍କଟ ସଂକ୍ରାନ୍ତିଠାରୁ ଦକ୍ଷିଣକୁ ଓ ମକର ସଂକ୍ରାନ୍ତିଠାରୁ ଉତ୍ତର ଦିଗକୁ ଗତି କରିଥାନ୍ତି। ଏ ପରିପ୍ରେକ୍ଷୀରେ ନୀଳମାଧବ ଜୀଉଙ୍କ ପାର୍ଶ୍ୱ ଠାକୁର ସିଦ୍ଧେଶ୍ୱର ମହାଦେବଙ୍କ ଲିଙ୍ଗଟି ଆପଣା ଛାଏଁ ସୂର୍ଯ୍ୟଙ୍କ ଗତିର ବିପରୀତ ଦିଗକୁ ଢଳିଥିବା ଦେଖିବାକୁ ମିଳିଛି। ଶୁକ୍ରବାର ମକର ସଂକ୍ରାନ୍ତି ତିଥିରେ ସୂର୍ଯ୍ୟ ଉତ୍ତରାୟଣ ଗତି ହୋଇଥିବାରୁ ସିଦ୍ଧେଶ୍ୱର ମହାଦେବଙ୍କ ଲିଙ୍ଗଟି ଦକ୍ଷିଣ ଦିଗକୁ ଢଳିଥିବା ଦେଖାଯାଇଛି। ଦୂରରୁ ଦେଖିଲେ ଏହି ଲିଙ୍ଗର ଗତି ମଧ୍ୟ ସ୍ପଷ୍ଟ ଜଣାପଡିଥାଏ। ଏହାଛଡା ନୀଳମାଧବ ଜୀଉଙ୍କ ଧନୁ ସଂକ୍ରାନ୍ତିଠାରୁ ଆରମ୍ଭ ହୋଇଥିବା ପହିଲି ଭୋଗ ନୀତି ପରମ୍ପରା ଅନୁଯାୟୀ ଆଜି (ସୋମବାର)ଠାରୁ ବନ୍ଦ ହୋଇଛି। ମକର ସଂକ୍ରାନ୍ତି ଅବସରରେ ଶ୍ରୀ ଜୀଉଙ୍କ ମକର ଚାଉଳ ଓ ୮୪ ପ୍ରକାର ବ୍ୟଞ୍ଜନ ଲାଗି ହୋଇଥିବା ଜଣାପଡିଛି।

## ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

# ମୋଟ ୯୨ ଅଭିଯୋଗ ପଞ୍ଜୀକୃତ

**ନୂଆଗାଁ,୧୪।୧ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସଭାଗୃହରେ ସୋମବାର ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବମୋଟ ୯୨ ଗୋଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୭୫ ଗୋଟି ବ୍ୟକ୍ତିଗତ ଓ ୧୭ଟି ସାମୂହିକ ଅଭିଯୋଗ ହୋଇଥିଲା। ଜିଲାପାଳ ଡ. ଏନ୍. ତିରୁମାଲା ନାୟକ ପ୍ରତିଟି ଅଭିଯୋଗକୁ ସିଧାସଳଖ ଲୋକଙ୍କଠାରୁ ଶୁଣି ବିଭାଗୀୟ ଅଧିକାରୀଙ୍କ ଜରିଆରେ ତାହାର ସମାଧାନ କରାଇଥିଲେ। ମାଇଛେଳି ପଞ୍ଚାୟତ କୋଷାକଟା ଗ୍ରାମର କୃଷ୍ଣଚନ୍ଦ୍ର ଜେନାଙ୍କ ଦୁଇଗୋଟି କିଡ୍‌ନୀ ନଷ୍ଟ ହେବାକୁ ବସିଥିବାବେଳେ ତାଙ୍କ ପରିବାର ଅତି ଦୟନୀୟ ଅବସ୍ଥାରେ ଅଛନ୍ତି। ଏହି ଅଭିଯୋଗ ପାଇ ଜିଲାପାଳ ତାଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୫ହଜାର ଟଙ୍କା ଅନୁଦାନ ରାଶି ଚେକ୍ ମାଧ୍ୟମରେ ପ୍ରଦାନ କରିଥିଲେ। ଖଣ୍ଡୁଗାଁ ପଞ୍ଚାୟତ ଗୋଲଗୋଳା ଗ୍ରାମର ଫକୀର ପାଣି ଦୀର୍ଘ ୧୪ ମାସ ହେଲା ଧାରକରଜ କରି ସ୍ୱଚ୍ଛ ଭାରତ ଯୋଜନାରେ ଘରୋଇ ପାଇଖାନା ନିର୍ମାଣ କରିଥିଲେ ମଧ୍ୟ ଅଦ୍ୟାବଧି ତାଙ୍କୁ ଅନୁଦାନ ମିଳି ନାହିଁ। ଏ ବିଷୟରେ ସେ ବିଭାଗୀୟ ଅଧିକାରୀମାନଙ୍କୁ ଗୁହାରି କରି ସୁଫଳ ନ ପାଇବାରୁ ଜିଲାପାଳଙ୍କୁ ଜଣାଇଥିଲେ। ସେ କରିଥିବା ଅଭିଯୋଗ ମୁତାବକ ଲୋକମାନେ ପଛରେ ପାଇଖାନା ନିର୍ମାଣ କରି ଅନୁଦାନ ପାଇଥିଲେ ମଧ୍ୟ ତାଙ୍କ ନାମ ତାଲିକାରେ ନ ଥିବା କହି ଅଧିକାରୀମାନେ ସମୟ ଗଡାଇ ଚାଲିଛନ୍ତି। ଯଦି ଶୀଘ୍ର ଅନୁଦାନ ଦିଆ ନ ଯାଏ ତେବେ ସେ ବିଷ ଖାଇ ଆତ୍ମହତ୍ୟା କରିବେ ବୋଲି କହିଥିଲେ। ଏପରି କି ସେ ସାଙ୍ଗରେ ଆଣିଥିବା ବିଷ ମଧ୍ୟ ଦେଖାଇଥିଲେ। ଏହା ଦେଖି ଜଣେ ସରପଞ୍ଚ ତାଙ୍କୁ ବୁଝାଇବା ବଦଳରେ ଘରେ ଯାଇ ବିଷ ଖାଇଦିଅ ବୋଲି କହିଥିଲେ। ଏହାକୁ ନେଇ ନିକଟରେ ଥିବା ଲୋକମାନେ ତାଙ୍କ ଉପରେ କ୍ଷୁବ୍ଧ ହୋଇଥିଲେ। ଏ ବିଷୟରେ ସମ୍ପୃକ୍ତ ସରପଞ୍ଚଙ୍କୁ ପଚାରିବାରୁ ସେ ଭୁଲବଶତଃ ଏ କଥା କହିଦେଇଥିବା ସ୍ୱୀକାର କରିଥିଲେ। ଶିବିରରେ ଜିଲାପାଳ ଡ. ନାୟକ, ଜିଲା ଆରକ୍ଷୀ ଅଧୀକ୍ଷକ ଶଶିଭୂଷଣ ଶତପଥୀ, ଅତିରିକ୍ତ ପ୍ରକଳ୍ପ ଅଧିକାରୀ ସନ୍ତୋଷୀ ସାହୁଙ୍କ ସମେତ ସମସ୍ତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି।

## ଗ୍ରାମାଞ୍ଚଳ ଟି ୨୦ କ୍ରିକେଟ: ଗଣଗଣା ବିଜୟୀ

**ଖଣ୍ଡପଡ଼ା,୧୪।୧(ସ୍ୱ.ପ୍ର.)**

ଗୋକୁଳାନନ୍ଦ ସ୍ପୋର୍ଟସ ଆସୋସିଏଶନ ସିଧାମୂଳା ଆନୁକୂଲ୍ୟରେ ସ୍ଥାନୀୟ ଏମ୍‌ଇ ସ୍କୁଲ ଖେଳପଡିଆଠାରେ ଗ୍ରାମାଞ୍ଚଳ ଟି ୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଚାଲୁରହିଛି। ସୋମବାର ତୃତୀୟ ଦିବସରେ ବାସେଳୀହତା କ୍ରିକେଟ କ୍ଲବକୁ ହରାଇ ଗଣଗଣା କ୍ରିକେଟ କ୍ଲବ ବିଜୟୀ ହୋଇଛି। ବିଧାୟକ ଅନୁଭବ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ବାସେଳୀହତା ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ଆରମ୍ଭ କରି ୧୯.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୫୯ ରନ ସଂଗ୍ରହ କରିଥିଲା। ଜବାବରେ ଗଣଗଣା କ୍ରିକେଟ କ୍ଲବ ୧୨.୩ ଓଭରରେ ୪ ଉଇକେଟ ବିନିମୟରେ ନିର୍ଦ୍ଧାରିତ ୧୬୦ ରନ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ରାଜୁ ମ୍ୟାନ ଅଫଦି ମ୍ୟାଚ ବିବେଚିତ ହୋଇଥିଲେ। ବିଜୟ କୁମାର ମହାଳିକ ଓ ହେମନ୍ତ କୁମାର ଦାସ ଖେଳ ପରିଚାଳନା କରିଥିଲେ। ମଙ୍ଗଳବାର ବରୁଣେଇ କ୍ରିକେଟ କ୍ଲବ କଣ୍ଟିଲୋ ସହ ବାଙ୍କୋଇ କ୍ରିକେଟ କ୍ଲବର ମୁକାବିଲା ହେବ।

## ଅନ୍ତରୀକ୍ଷଙ୍କ ପ୍ରକଳ୍ପ ଜାତୀୟସ୍ତରରେ ପ୍ରଦର୍ଶିତ




ଅନ୍ତରୀକ୍ଷଙ୍କ ସ୍ମାର୍ଟ ସିଟି ପ୍ରକଳ୍ପ।

**ନୟାଗଡ଼ ଅଫିସ,୧୪।୧**

କୋଲକାତାର ବିରଳା ଇଣ୍ଡଷ୍ଟ୍ରିଜ ଏବଂ ଟେକ୍‌ନୋଲୋଜି ମ୍ୟୁଜିୟମରେ ପୂର୍ବଭାରତ ଜାତୀୟ ବିଜ୍ଞାନ ଏବଂ ଇଞ୍ଜିନିୟରିଂ ମେଳାରେ ନୟାଗଡ଼ ଏନଏସି ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ଅନ୍ତରୀକ୍ଷ ରଥଙ୍କ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅନ୍ତରୀକ୍ଷଙ୍କ ସ୍ମାର୍ଟ ସିଟି ପ୍ରକଳ୍ପ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରି ଜାତୀୟସ୍ତରକୁ ମନୋନୀତ ହୋଇଥିଲା। ୮ରୁ ୧୨ ତାରିଖ ଯାଏ କୋଲକାତାରେ ଅନୁଷ୍ଠିତ ଉକ୍ତ ମେଳାରେ ସାରା ଦେଶର ବିଭିନ୍ନ ରାଜ୍ୟରୁ ମନୋନୀତ ହୋଇ ଆସିଥିବା ବିଜ୍ଞାନ ପ୍ରକଳ୍ପଗୁଡ଼ିକ ଭିତରେ ଅନ୍ତରୀକ୍ଷଙ୍କ ପ୍ରକଳ୍ପ ଉଚ୍ଚ ପ୍ରଶଂସିତ ହୋଇଛି। ସେ ଜିଲା ପାଇଁ ଗୌରବ ଆଣିଥିବାରୁ ଜିଲାରେ ଖୁସିର ଲହରୀ ଖେଳି ଯାଇଥିବା ବେଳେ ଏନଏସି ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଶିକ୍ଷା ଅଧିକାରୀମାନେ ତାଙ୍କୁ ପ୍ରଶଂସା କରିଛନ୍ତି। ଅନ୍ତରୀକ୍ଷ ତାଙ୍କର ଗାଇଡ୍ ତଥା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ତ୍ରିପାଠୀ ଏବଂ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସଫଳତାର ଶ୍ରେୟ ଦେଇଛନ୍ତି। ପ୍ରକାଶ ଯେ, ଅନ୍ତରୀକ୍ଷ ନୟାଗଡ଼ ସହର ତ୍ରିନାଥଛକସ୍ଥିତ ଖବରଦାତା ରାମକୃଷ୍ଣ ରଥ ଓ ଗୃହିଣୀ ଦୀପ୍ତିମୟୀ ରଥଙ୍କ ପୁତ୍ର।

## ଶ୍ରୀରଘୁନାଥଜୀଉଙ୍କ ପୀଠରେ ମକର ନୀତି

**ଓଡ଼ଗାଁ,୧୪।୧(ସ୍ୱ.ପ୍ର.)**

ମକର ପର୍ବ ଉପଲକ୍ଷେ ସୋମବାର ନୟାଗଡ଼ ଜିଲା ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉ ଦିନତମାମ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ଭୋର ସାଢେ ୪ଟାରେ ଦ୍ୱାର ଫିଟା ହୋଇ ଭିତର ଶୋଧ ପରେ ୫ଟାରେ ମଙ୍ଗଳ ଆଳତୀ ଓ ଅନ୍ୟାନ୍ୟ ନୀତି ସବୁ ହୋଇଥିଲା। ପ୍ରାୟ ୭ଟା ପୂର୍ବରୁ ପ୍ରଥମ ଭୋଗ ମଣ୍ଡପ ବଢିଥିଲା ଏବଂ ମଧ୍ୟାହ୍ନ ଧୂପ ରାତ୍ର ମକର ବେଢା ନିମନ୍ତେ ବନ୍ଦ ରହିଥିଲା। ଏପରିସ୍ଥଳେ ପହଡ ବିନା ଶ୍ରୀଜୀଉମାନେ ଦିନତମାମ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ଫଳରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ବହୁ ଶ୍ରଦ୍ଧାଳୁ ଶ୍ରୀଜୀଉଙ୍କ ଦର୍ଶନ ଲାଭ କରିଥିଲେ। ସନ୍ଧ୍ୟା ୭ଟାରେ ମନ୍ଦିର କଳା ହାଟ ଦ୍ୱାର ବନ୍ଦ ହୋଇ ମକର ନୀତି ଆରମ୍ଭ କରାଯାଇଥିଲା। ତିନିଜଣ ପୂଜାପଣ୍ଡା ନିଷ୍ଠା ସହିତ ଶ୍ରୀଜୀଉଙ୍କ ଆଜ୍ଞାମାଳ ହାସଲ କରି ସରା ପାତ୍ରରେ ପାଟବସ୍ତ୍ର ଢାଙ୍କି ଏକ ସ୍ୱତନ୍ତ୍ର ପଟୁଆରରେ ଘଣ୍ଟ, ଘଣ୍ଟା, ଛତି, ତ୍ରାସ ମଶାଲ, ସଂକୀର୍ତ୍ତନ ହରିବୋଲ ସହିତ ସାକର, ଦହି, ପାନକୁ ମନ୍ଦିର ଚତୁଃପାର୍ଶ୍ୱରେ ମକର ବେଢା ପରିକ୍ରମା କରାଇବା ପରେ ଭୋଗମଣ୍ଡପରେ ଆସ୍ଥାନ କରିବାପରେ ପାଳିଆ ପୂଜାପଣ୍ଡାଙ୍କ ଦ୍ୱାରା ନୈବେଦ୍ୟ ଅର୍ପଣ କରାଯାଇଥିଲା। ଏହା ସହିତ କର୍ପୂର ଆଳତୀ, ମକର ବନ୍ଦାପନା ଓ ମହାଆଳତୀ ଲାଗି କରାଯାଇ ରାତି ସାଢେ ୯ଟାରେ ଦ୍ୱିପ୍ରହରରୁ ବନ୍ଦ ରହିଥିବା ଦିବା ପହୁଡ ହୋଇଥିଲା। ସ୍ୱଳ୍ପ ସମୟ ବ୍ୟବଧାନରେ ପୁନଶ୍ଚ ଦ୍ୱାର ଫିଟା ହୋଇ ମହାସ୍ନାନ, ଖଟଣୀ ସହିତ ଫୁଲତୁଳସୀ ଲାଗିପରେ ସନ୍ଧ୍ୟା ଆଳତୀ, ମକର ଭୋଗ ସହିତ ରାତ୍ର ଧୂପ, ଚତୁଃଶମ, ଗୀତ ଗୋବିନ୍ଦ ପାଠ ସହିତ ବଡ ସିଙ୍ଗାର ନୀତି ସମାପନ ପରେ ରାତ୍ର ପହୁଡ ହୋଇଥିଲା। ଏହିକ୍ରମରେ ମନ୍ଦିର ବିଧିବିଧାନ ଅନୁସାରେ ମକର ପର୍ବ ଅନୁଷ୍ଠିତ ହେବାର ପରମ୍ପରା ରହିଛି। ପାଳିଆ ପଣ୍ଡା ପ୍ରଫୁଲ୍ଲ କୁମାର ମହାପାତ୍ର, ମନ୍ଦିର ପରିଛା ହରିବନ୍ଧୁ ଷଡଙ୍ଗୀ, ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ସାହୁଙ୍କ ସମେତ ସମସ୍ତ ପୂଜକ ପରିଷଦ ସଦସ୍ୟମାନେ ମକର ବେଢା ଓ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଏହା ସହିତ ସମବେତ ଶ୍ରଦ୍ଧାଳୁଙ୍କୁ ମକର ପ୍ରସାଦ ବିତରଣ କରାଯାଇଥିଲା। ଏତଦ୍‌ବ୍ୟତୀତ ନିକଟସ୍ଥ ବାବା ଦୂତିକେଶ୍ୱର ମହାଦେବ, ଲକ୍ଷ୍ମୀ ବଜାର ସ୍ଥିତ ଶ୍ରୀହନୁମାନ ମନ୍ଦିର ସହିତ ସମସ୍ତ ମନ୍ଦିରରେ ସ୍ୱତନ୍ତ୍ରଭାବେ ପ୍ରସ୍ତୁତ ମକର ଚାଉଳ ଭୋଗ ଲାଗି ହୋଇଥିଲା।



## ବାଣୀଗୋଛାରେ ମକର ଯାତ୍ରା

**ଦଶପଲ୍ଲା,୧୪।୧(ଡି.ଏନ.ଏ.)**

ଦଶପଲ୍ଲାରେ ମକର ସଂକ୍ରାନ୍ତି ଉତ୍ସବ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପୂର୍ବାହ୍ନରେ ବହୁ ଦେବାଳୟରେ ଜନସାଧାରଣଙ୍କ ସମାଗମ ହୋଇଥିଲା। ମକର ସଂକ୍ରାନ୍ତି ନିମନ୍ତେ ମନ୍ଦିରମାନଙ୍କରେ ମକର ଚାଉଳ ପୂଜା କରାଯିବା ସହ ପ୍ରତ୍ୟେକ ଓଡିଆଙ୍କ ଘରେ ମକର ଚାଉଳ ପୂଜାର୍ଚ୍ଚନା କରାଯାଇଥିଲା। ମକର ସଂକ୍ରାନ୍ତି ଉପଲକ୍ଷେ ବାଣୀଗୋଛାଠାରେ ମକର ଯାତ୍ରା ଆରମ୍ଭ ହୋଇଥିବା ବେଳେ ଉକ୍ତ ଯାତ୍ରା ୫ ଦିନ ଧରି ଚାଲିବ।

# ମକର ପର୍ବ: ଭାଇଚାରା ସୃଷ୍ଟି କରିବାର ପରମ୍ପରା

**ଖଣ୍ଡପଡା,୧୪।୧(ସ୍ୱ.ପ୍ର.)**

ପର୍ବପର୍ବାଣି ପାଳନରେ କିଛି ନା କିଛି ଧର୍ମ ଓ ବିଜ୍ଞାନସମ୍ମତ ମତ ରହିଛି। ଏଥି ମଧ୍ୟରୁ 'ମକର ସଂକ୍ରାନ୍ତି ବା ମକରପର୍ବ' ହିନ୍ଦୁମାନଙ୍କର ଏକ ବଡ ପର୍ବ। ଏହା ଏକ ଗଣପର୍ବ ଭାବେ ପରିଚିତ। ଏହିଦିନ ସ୍ନାନ, ପୂଣ୍ୟ, ଦାନ, ଜପ, ଧର୍ମ କାର୍ଯ୍ୟର ଯଥେଷ୍ଟ ମହତ୍ୱ ରହିଛି। ଏହି ପର୍ବରେ ମୁଖ୍ୟ ଭୋଗ ମକର ଚାଉଳ। ମକର ସଂକ୍ରାନ୍ତି ଆମ ରାଜ୍ୟର ଏକ କୃଷିଭିତ୍ତିକ ପର୍ବ। କୃଷକ ବର୍ଷସାରା ପରିଶ୍ରମ କରି ଅମଳ କରିଥିବା ଶସ୍ୟକୁ ଘରକୁ ଆଣିଥାଏ। ପ୍ରଥମ ଶସ୍ୟକୁ ଖାଇବା ପୂର୍ବରୁ ପ୍ରଥମେ ଚାଷୀ ତା'ର ଇଷ୍ଟ ଦେବତାଙ୍କୁ ମକର ଚାଉଳ ମାଧ୍ୟମରେ ସମର୍ପଣ କରିଥାଏ। ପରମ୍ପରାକୁ ଉଜ୍ଜୀବିତ କରିବା ନିମନ୍ତେ ପ୍ରତିବର୍ଷ ଏହି ସଂକ୍ରାନ୍ତିରେ ବିଭିନ୍ନ ଦେବୀଦେବ ପୀଠରେ ମକର ଚାଉଳ ଭୋଗ କରାଯାଏ। ଏହି ଅବସରରେ ସୋମବାର କଣ୍ଟିଲୋ, ଖଣ୍ଡପଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ସୂର୍ଯ୍ୟ ଉପାସନା କରିବା ସହ ମକରଚାଉଳ ପୂଜା କରାଯାଇଥିଲା। ସୂର୍ଯ୍ୟଙ୍କୁ ପୂଜା କରିବାର କାରଣ ହେଉଛି ସୂର୍ଯ୍ୟ ହେଉଛନ୍ତି ସକଳ ଶକ୍ତିର ଆଧାର। ସେ ହେଉଛନ୍ତି ଜୀବଜଗତର ରକ୍ଷାକର୍ତ୍ତା। ଏହିଦିନ ନୂଆ ଚାଉଳ, ଗୁଡ, ନଡ଼ିଆ, ଛେନା, ପାଚିଲା କଦଳୀ, କର୍ପୂର, ଖଣ୍ଡଆଖୁ, ଜାଇଫଳ, ବରକୋଳି ଏବଂ ଅନ୍ୟାନ୍ୟ ଫଳ ପକାଇ ତାକୁ କ୍ଷୀର ଦ୍ୱାରା ମିଶ୍ରଣ କରି ମକର ଚାଉଳ ପ୍ରସ୍ତୁତ କରାଯାଏ। ପ୍ରସ୍ତୁତ ଭୋଗକୁ ଇଷ୍ଟ ଦେବତା, ଘର ଇସାଣ, ଚଉରା ମୂଳ ଓ ଖଳା ବାଡିରେ ଅର୍ପଣ କରାଯାଇଥିଲା। ମକର ସଂକ୍ରାନ୍ତିଠାରୁ ସୂର୍ଯ୍ୟଙ୍କ ତେଜ ପ୍ରଖର ହେଉଥିବାରୁ ଶରୀରର ହଜମ ଶକ୍ତି ବୃଦ୍ଧି ପାଇଥାଏ। ମକର ଚାଉଳ ଖାଇବା ଦ୍ୱାରା ଶରୀରରୁ ପିତ୍ତ ନାଶ ହେବା ସହିତ ଗ୍ୟାସ ଜନିତ ସମସ୍ତ ରୋଗରୁ ମୁକ୍ତି ମିଳିଥାଏ। ଆଜିର ଦିନରେ ମକର ଚାଉଳ ଭୋଗ ଜଣେ ଅନ୍ୟ ଜଣକୁ ଖୁଆଇ ମକର ବସିଥାନ୍ତି। ଏହା ଦ୍ୱାରା ଅନ୍ୟ ପରିବାର ସହିତ ବନ୍ଧୁତା ସ୍ଥାପନ ହୋଇଥାଏ ଓ ସମାଜରେ ଭାଇଚାରା ସୃଷ୍ଟି ହୋଇଥାଏ। ଏହି ପରମ୍ପରା କାହିଁ କେଉଁ କାଳରୁ ଚାଲିଆସିଛି। ପରମ୍ପରା ଅନୁଯାୟୀ ଆଜି ଅନେକ ଯୁବତୀଯୁବକ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଓ ବୟସ୍କ ମହିଳାପୁରୁଷ ଶ୍ରୀନୀଳମାଧବ ଜୀଉଙ୍କୁ ଦର୍ଶନ କରି ମକରଚାଉଳ ପରସ୍ପରକୁ ଆଦାନ ପ୍ରଦାନ କରି ସମ୍ପର୍କ ଯୋଡିବା ପରିଲକ୍ଷିତ ହୋଇଥିଲା। ବେଣାଗାଡିଆ ପଞ୍ଚାୟତ ତେନ୍ତୁଳିଆପଲ୍ଲିଠାରେ ଦୁଇଦିନ ବ୍ୟାପୀ ଏହି ପର୍ବ ପାଳିତ ହେଉଥିବା ବେଳେ ବାଣପୁର ପଞ୍ଚାୟତ ଚୈତନ୍ୟପୁରଠାରେ ମଧ୍ୟ ଏହି ଉତ୍ସବ ପାଳନ କରାଯାଉଛି।



ପିଲାମାନେ ପରସ୍ପରକୁ ମକର ଚାଉଳ ଖୁଆଉଛନ୍ତି।

# ଆଜି ନେତାଜୀ ସଂଗ୍ରହାଳୟ ଲୋକାର୍ପଣ

**ପୁରୀ ଅଫିସ,୧୪।୧**



ନବନିର୍ମିତ ନେତାଜୀ ସଂଗ୍ରହାଳୟ।

- ୨୦୧୩ ଡିସେମ୍ବର ୩୦ରେ ହୋଇଥିଲା ଶିଳାନ୍ୟାସ
- ୩ କୋଟି ୯୬ ଲକ୍ଷ ଟଙ୍କା ଅନୁଦାନ ରହିଥିଲା
- ଗତ ୩ ତାରିଖରେ ସ୍ଥିତାବସ୍ଥାକୁ ଉଠାଇଛନ୍ତି ହାଇକୋର୍ଟ

ସ୍ଥାନୀୟ ଗୋପାଳବଲ୍ଲଭ ରୋଡସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପୈତୃକ ଘରକୁ ରାଜ୍ୟ ସରକାର ନେତାଜୀ ସଂଗ୍ରହାଳୟର ରୂପ ଦେଇଛନ୍ତି। ଏଥିରେ ରହିଛି ନେତାଜୀ ଏବଂ ତାଙ୍କ ପରିବାରଙ୍କ ସମ୍ପର୍କିତ ବହୁ ଦୁର୍ଲଭ ଫଟୋ, ଆସବାବପତ୍ର ଏବଂ ଗୁରୁତ୍ୱପୂର୍ଣ୍ଣ ତଥ୍ୟ। ମ୍ୟୁଜିୟମ ନିର୍ମାଣ କାର୍ଯ୍ୟ ୩ ବର୍ଷ ପୂର୍ବରୁ ସରିଲାଣି। ହେଲେ ଅଦାଲତରେ ବିବାଦ ଯୋଗୁ ଏହା ଲୋକାର୍ପିତ ହୋଇପାରୁ ନ ଥିଲା। ନିକଟରେ ବିବାଦର ପରିସମାପ୍ତି ଘଟିବା ପରେ ମଙ୍ଗଳବାର ଏହା ଲୋକାର୍ପିତ ହେବାକୁ ଯାଉଛି। ପୂର୍ବାହ୍ନ ୧୦ଟାରେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ଏହାକୁ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି।

ନେତାଜୀଙ୍କ ପୈତୃକ ଘର ପରିତ୍ୟକ୍ତ ଅବସ୍ଥାରେ ରହିଥିଲା। ୨୦୧୩ରେ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଏହାକୁ ସଂରକ୍ଷଣ କରି ନେତାଜୀ ମ୍ୟୁଜିୟମରେ ପରିଣତ କରିବାକୁ ନିଷ୍ପତ୍ତି ନେଇଥିଲା। ସେହିବର୍ଷ ଡିସେମ୍ବର ୩୦ରେ ତତ୍କାଳୀନ ସଂସ୍କୃତି ମନ୍ତ୍ରୀ ତଥା ବର୍ତ୍ତମାନର ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ସଂଗ୍ରହାଳୟ ପ୍ରତିଷ୍ଠା ପାଇଁ ଶିଳାନ୍ୟାସ କରିଥିଲେ। ଏଥିଲାଗି ୩ କୋଟି ୯୬ ଲକ୍ଷ ଟଙ୍କା ଅନୁଦାନ ରହିଥିଲା। ଏହାର ସଂରକ୍ଷଣ, ପୁନଃରୁଦ୍ଧାର ଏବଂ ମ୍ୟୁଜିୟମ ନିର୍ମାଣ କାର୍ଯ୍ୟ ଇନ୍‌ଟାକ (ଇଣ୍ଡିଆନ ନ୍ୟାଶନାଲ ଟ୍ରଷ୍ଟ ଫର ଆର୍ଟ ଆଣ୍ଡ କଲ୍‌ଚରାଲ ହେରିଟେଜ୍) ନାମକ ସଂସ୍ଥାକୁ ଦିଆଗଲା। ୨୦୧୪ ଏପ୍ରିଲରେ ଇନ୍‌ଟାକ ମ୍ୟୁଜିୟମ କାମ ଆରମ୍ଭ କରିଥିଲା। ପ୍ରାୟ ୩ ବର୍ଷ ପୂର୍ବରୁ କାମ ଶେଷ କରି ହସ୍ତାନ୍ତର କରିଥିଲା।

ପୁରାତନ କୋଠା ଢାଞ୍ଚାରେ କୌଣସି ପରିବର୍ତ୍ତନ କରା ନ ଯାଇ କେବଳ ସଂରକ୍ଷଣ କରାଯାଇ ପୁନରୁଦ୍ଧାର କରାଯାଇଛି। ମ୍ୟୁଜିୟମ ପରିସରରେ ଏକ ସୋଭେନିୟର ସପ୍, ଟିକେଟ କାଉଣ୍ଟର, ଛୋଟ ମୁକ୍ତାକାଶ ମଞ୍ଚ ନିର୍ମାଣ କରାଯାଇଛି। ମ୍ୟୁଜିୟମ ପରିସରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ବ୍ରୋଞ୍ଜ ନିର୍ମିତ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ସମସ୍ତ କକ୍ଷରେ ଗ୍ୟାଲେରି ନିର୍ମାଣ କରାଯାଇଛି। ଗ୍ୟାଲେରିରେ ଆଜାଦ ହିନ୍ଦ ଫୌଜର ଡାକ ଟିକଟ, ନ୍ୟାଶନାଲ ସାର୍ଟିଫିକେଟ ଏବଂ ଇଣ୍ଡିଆନ ନ୍ୟାଶନାଲ ଆର୍ମି(ଆଇଏନ୍‌ଏ)ର ବହୁ ବିରଳ ଫଟୋ ସ୍ଥାନିତ ହୋଇଛି। ନେତାଜୀଙ୍କ ବହୁ ବିରଳ ଫଟୋଚିତ୍ର ମଧ୍ୟ ରହିଛି। ସେହିପରି ମ୍ୟୁଜିୟମର ଶିଶୁ ପ୍ରମୋଦ କକ୍ଷ ଆକର୍ଷଣୀୟ ହୋଇଛି। ଶିଶୁମାନେ ଯେଭଳି ନେତାଜୀଙ୍କ ସମ୍ପର୍କ ଜାଣିପାରିବେ ସେଭଳି ବ୍ୟବସ୍ଥା କରାଯାଇଛି। ଏହାଛଡ଼ା ନେତାଜୀଙ୍କ ପଠନ ଶାଳା, ସମ୍ମିଳନୀ କକ୍ଷ, ନେତାଜୀଙ୍କ କୋଠରି ଆଦି ରହିଛି।

ସୂଚନାଯୋଗ୍ୟ, ଜାନକୀନାଥ ବୋଷଙ୍କୁ ୧୯୧୬ରେ ଗୋପାଳବଲ୍ଲଭ ରୋଡରେ ୪୩୩ ଡେସିମିଲ ଜମି ଲିଜ୍ ସୂତ୍ରରେ ଦିଆଯାଇଥିଲା। ସେ ଏହି ଜମିରେ ଗୃହ ନିର୍ମାଣ କରିଥିଲେ। ଜାନକୀନାଥ ଏବଂ ପ୍ରଭାବତୀ ଦେବୀଙ୍କ ମୃତ୍ୟୁ ପରେ ଉକ୍ତ ଘର ନେତାଜୀ ଏବଂ ତାଙ୍କ ସମ୍ପର୍କୀୟଙ୍କ ନାମରେ ରେକର୍ଡ ହୋଇଥିଲା। ଏହାପରେ ପ୍ରଶାସନ ଜମି ଲିଜ ଅବଧିକୁ ୨୦୦୬ ମସିହା ପର୍ଯ୍ୟନ୍ତ ବୃଦ୍ଧି କରିଥିଲା। ୧୯୯୭ରେ ଜମି ମାଲିକାନାରୁ ନେତାଜୀଙ୍କ ନାମ କାଟିବା ପାଇଁ ତାଙ୍କ ସମ୍ପର୍କୀୟ ଜିଲାପାଳଙ୍କ ନିକଟରେ ଆବେଦନ କରିଥିଲେ। ନେତାଜୀଙ୍କ ମୃତ୍ୟୁ ନେଇ କୌଣସି ପ୍ରମାଣ ନ ଥିବାରୁ ଜିଲାପାଳ ଆବେଦନକୁ ଖାରଜ କରି ଦେଇଥିଲେ। ନେତାଜୀଙ୍କ ସମ୍ପର୍କୀୟମାନେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି)ଙ୍କ ଦ୍ୱାରସ୍ଥ ହୋଇଥିଲେ। ତତ୍କାଳୀନ ଆର୍‌ଡିସି ମାମଲାର ବିଚାର କରି ଆବେଦନକାରୀଙ୍କ ଆବେଦନକୁ ମଧ୍ୟ ଖାରଜ କରିଥିଲେ। ଏହି ଜମିକୁ ସରକାରୀ ଖାତାକୁ ନେବାକୁ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଥିଲା। ୨୦୧୩ ମାର୍ଚ୍ଚ ୩ରେ ଏହି ଜମି ପ୍ରଶାସନ ଦଖଲକୁ ନେବା ପରେ ସଂଗ୍ରହାଳୟ ତିଆରି କରାଯାଇଥିଲା। ଜିଲାପାଳ ଏବଂ ଆର୍‌ଡିସିଙ୍କ ଆଦେଶ ବିରୋଧରେ ନେତାଜୀଙ୍କ ସମ୍ପର୍କୀୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମାମଲାର ଶୁଣାଣି କରି ଏହି ଜାଗା ଉପରେ ସ୍ଥିତାବସ୍ଥା ଜାରି କରିଥିଲେ। ଗତ ୩ ତାରିଖରେ ପୂର୍ବ ସ୍ଥିତାବସ୍ଥାକୁ ହାଇକୋର୍ଟ ଉଠାଇ ଦେଇଛନ୍ତି।

## ସଂକ୍ଷେପରେ

### ବାପଘରୁ ଫେରିଲେ ପାର୍ବତୀ
### ଲୋକନାଥଙ୍କୁ ଲାଗି ହେଲା ମକର ଚୂଳ

**ପୁରୀ ଅଫିସ,୧୪।୧:** ଶ୍ରୀଜଗନ୍ନାଥ ମନ୍ଦିରର ନୀତି ସହିତ ଶ୍ରୀଲୋକନାଥ ମନ୍ଦିର ନୀତି ଜଡ଼ିତ ରହିଛି। ପ୍ରସିଦ୍ଧ ମକର ପର୍ବ ଅବସରରେ ଲୋକନାଥ ଶୈବପୀଠରେ ମକର ପର୍ବ ପାଳିତ ହୋଇଛି। ଧନୁ ସଂକ୍ରାନ୍ତି ଦିନ ପାର୍ବତୀ ବାପଘରକୁ ଯାଇଥିଲେ। ମକର ସଂକ୍ରାନ୍ତିରେ ମହାଦେବଙ୍କ ପାଇଁ ଆଭୂଷଣ ଏବଂ ବ୍ୟଞ୍ଜନ ଧରି ବାପଘରୁ ଫେରିଥିଲେ। ଏହି ପରମ୍ପରା ସ୍ୱରୂପ ବାଲିସାହିସ୍ଥିତ ବରାହୀ ମନ୍ଦିରରୁ ୨ଟି ମକର ଚୂଳ ଏବଂ ମୁଆଁ ଲୋକନାଥଙ୍କ ପାଖକୁ ଯାଇଥିଲା। ମଧ୍ୟାହ୍ନ ଧୂପ ଏବଂ ବଡ଼ସିଂହାର ବେଶରେ ଠାକୁରଙ୍କୁ ମକର ଚୂଳ ଲାଗି ହୋଇଥିଲା। ସେହିପରି ବରାହୀଙ୍କ ପୀଠରୁ ଯାଇଥିବା ମକର ମୁଆଁ ଲୋକନାଥଙ୍କ ନିକଟରେ ଭୋଗ ହୋଇଥିଲା। ପଡ଼ିଯାତ୍ରା ଯୋଗାଣିଆ ଏବଂ ମନ୍ଦିର ପୂଜକ, ପାଳିଆ, ଘଣ୍ଟୁଆ, କାହାଳିଆଙ୍କ ଦ୍ୱାରା ଏହି କାର୍ଯ୍ୟ ସମ୍ପାଦିତ ହୋଇଥିଲା।

### ଫକୀର ମୋହନ ଆଧୁନିକ ଓଡ଼ିଆ ସାହିତ୍ୟର ସ୍ରଷ୍ଟା

**ପୁରୀଅଫିସ,୧୪।୧:** ସୃଜନୀ ସାହିତ୍ୟ ସଂସଦ ଓ ଭାଷା ସୁରକ୍ଷା ପ୍ରତିଷ୍ଠାନ, ପୁରୀ ମିଳିତ ଆନୁକୂଲ୍ୟରେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ସୋମବାର ବଡ଼ଦାଣ୍ଡସ୍ଥିତ ପଦ୍ମିନୀ ନିବାସରେ ଅନୁଷ୍ଠିତ ହୋଇଯାଇଛି। ସୃଜନୀର କାର୍ଯ୍ୟକାରୀ ସଭାପତି ଅଧାପକ ଦୟାନିଧି ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ହରପ୍ରସାଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଫକୀର ମୋହନଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରି କହିଥିଲେ, ଓଡ଼ିଆ ଭାଷା ସାହିତ୍ୟକୁ ତାଙ୍କ ଅବଦାନ ଅତୁଳନୀୟ। ସେ ହେଉଛନ୍ତି ଆଧୁନିକ ଓଡ଼ିଆ ସାହିତ୍ୟର ସ୍ରଷ୍ଟା। ଇଂରେଜଙ୍କ ରାଜତ୍ୱ ସମୟରେ ଓଡ଼ିଆ ଭାଷାର ଅସ୍ତିତ୍ୱ ହଜିବାକୁ ବସିଥିଲା। ବଙ୍ଗଳା ଭାଷାର ପ୍ରାଧାନ୍ୟ ବୃଦ୍ଧି ପାଇବାରେ ଲାଗିଥିଲା। ସେହି ସମୟରେ ଭାଷାର ସୁରକ୍ଷା ଲାଗି ଓଡ଼ିଆ ପୁଅ ଫକୀର ମୋହନ ଅଣ୍ଟା ଭିଡ଼ିଥିଲେ। ନିଜ କଲମ ମୁନରେ ଓଡ଼ିଆରେ ବହୁ କବିତା, ସାହିତ୍ୟ ସଂରଚନା କରି ଭାଷାର ସୁରକ୍ଷା ଲାଗି ଉଦ୍ୟମ ଜାରି ରଖିଥିଲେ। ତାଙ୍କ ଭାଷାପ୍ରୀତି ଏବଂ ପାଣ୍ଡିତ୍ୟକୁ ସମ୍ମାନ ଜଣାଇ ସେତେବେଳେ ବ୍ରିଟିଶ ସରକାର ତାଙ୍କୁ ଦେୱାନ ଉପାଧିରେ ଭୂଷିତ କରିଥିଲେ। ତାଙ୍କ ଦ୍ୱାରା ରଚିତ ଅନେକ କାଳଜୟୀ ଗଳ୍ପ,ଏକାଙ୍କିକା, ଉପନ୍ୟାସ ଜନମାନସରେ ଆଦୃତ ହୋଇଛି ବୋଲି ମିଶ୍ର କହିଥିଲେ। ଜୟନ୍ତୀ ଉତ୍ସବରେ ବରିଷ୍ଠ ଆଇନଜୀବୀ ପୁଷ୍କର ମହାପାତ୍ର, ଶିକ୍ଷାବିତ୍ ପ୍ରଭାତ ଚନ୍ଦ୍ର ରଥ, ଡ.ବଳରାମ ଦାଶ, ଚନ୍ଦ୍ରଶେଖର ରଥ, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଲିଙ୍ଗରାଜ ଦାଶ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସୃଜନୀର ସମ୍ପାଦିକା ହେମାଙ୍ଗିନୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ବିବେକାନନ୍ଦଙ୍କ ବାଣୀ ପ୍ରଚାର



**ବୋଲଗଡ଼,୧୪।୧(ଡି.ଏନ.ଏ.):** ବୋଲଗଡ଼ ବ୍ଲକ କଅଁରପୁର ଓ ବେଗୁନିଆମୂଳ ଗ୍ରାମରେ ୮୦ ଛାତ୍ରାଛାତ୍ର ସୋମବାର ଏକ ଶୋଭାଯାତ୍ରାରେ ବାହାରି ସ୍ୱାମୀ ବିବେକାନନ୍ଦଙ୍କ ନୀତିବାଣୀ ପ୍ରଚାର କରିଛନ୍ତି। ଶିକ୍ଷକ ହୃଷୀକେଶ ଚମ୍ପତିଙ୍କ ଆବାହକତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୧୨ ବର୍ଷ ଧରି ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାମୀଜୀଙ୍କ ବାଣୀ ଲିଖିତ ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ଏକ ସଭାରେ ଗୁରୁଜନଙ୍କ ପ୍ରତି ସମ୍ମାନ, ଭଗବଦ୍ ଭକ୍ତି, ଚରିତ୍ର ଗଠନ, ଦେଶପ୍ରେମ ଓ ସ୍ୱାମୀଜୀଙ୍କ ଜୀବନୀ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଛାତ୍ର ପୂର୍ଣ୍ଣଚନ୍ଦ୍ର ବେହେରା, ଯୁଧିଷ୍ଠିର ବେହେରା, ଚକ୍ରଧର ସୁବୁଦ୍ଧି, ସୂର୍ଯ୍ୟକାନ୍ତ ବାରିକ ପ୍ରମୁଖ ସଭାରେ ଯୋଗଦେଇଥିଲେ ।

## ବିଲ୍ୱେଶ୍ୱରଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ


ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

**ରଣପୁର୧୪।୧(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ପାମ୍ପଡାସ୍ଥିତ ବିଲ୍ୱେଶ୍ୱର ଦେବଙ୍କ ପୀଠରେ ସପ୍ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ସୋମବାର କଳସ ଯାତ୍ରା ଆରମ୍ଭ ହୋଇଯାଇଛି। ମକର ସଂକ୍ରାନ୍ତି ଅବସରରେ ମଧ୍ୟାହ୍ନରେ ରଣପୁର ମନ୍ଦାକିନୀ ନଦୀର ଚମ୍ପତିପୁର ଘାଟଠାରୁ ଶହ ଶହ ମହିଳା ଓ ପୁରୁଷ ରଣପୁର ବଡଦାଣ୍ଡ ପରିକ୍ରମା କରି ପାମ୍ପଡା ନିକଟକୁ ଯାଇଥିଲେ। କଳି କଳୁଷ ବିନାଶ, ସତ୍ୟର ପରିପ୍ରକାଶ ଓ ସମସ୍ତ ପ୍ରାଣୀମାନଙ୍କ ସଦ୍‌ଗତି ପ୍ରାପ୍ତି ନିମନ୍ତେ ଏହି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଛି। ପାମ୍ପଡା, ଜୟପୁର, ବାଉରି ସାହି, ମାର୍ଥାପଦର ଓ ନୂଆଗାଁ ଗ୍ରାମବାସୀଙ୍କ ସହଯୋଗରେ ଉକ୍ତ ମହାଯଜ୍ଞ ଗୁରୁବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରତି ସନ୍ଧ୍ୟାରେ ଆୟୋଜିତ ପ୍ରବଚନରେ ସନ୍ଥ ୧୦୮ ଶ୍ରୀ ବ୍ରହ୍ମଚାରୀ ସନ୍ତୋଷ ଚୈତନ୍ୟଜୀ ମହାରାଜ, ସାଧୁ ମହନ୍ତ ପର୍ଶୁରାମ ଦାଶ ମହାରାଜ, ନାଗା ଶ୍ରୀ ହରିଶରଣ ଦାଶ ମହାରାଜ, ମହନ୍ତ ଶ୍ରୀ ଗୋପାଳ ଚରଣ ଦାଶ ମହାରାଜ, ମହନ୍ତ ଶ୍ରୀ ସନ୍ଥଚରଣ ଦାଶ ମହାରାଜଙ୍କ ସହ ସ୍ଥାନୀୟ ମଠ ମହନ୍ତମାନେ ଯୋଗଦେବାରେ କାର୍ଯ୍ୟକ୍ରମ ରହିଛି । ଏ ଅବସରରେ ପୌରାଣିକ ନାଟକ 'ଧର୍ମବିଚାର' ପ୍ରଦର୍ଶିତ ହୋଇଥିଲା ।

## ମକର ଯାତ୍ରା: ଦେବଦେବୀ ପୀଠ ଚଳଚଞ୍ଚଳ

**ଖଣ୍ଡପଡା,୧୪।୧(ସ୍ୱ.ପ୍ର.)**

ପବିତ୍ର ମକରଯାତ୍ରା ଉପଲକ୍ଷେ ଖଣ୍ଡପଡା ବ୍ଲକର ପୁରପଲ୍ଲୀରେ ଅବସ୍ଥିତ ଦେବଦେବୀ ପୀଠଗୁଡ଼ିକ ଚଳଚଞ୍ଚଳ ହୋଇଉଠିଛି। ପୂଜାର୍ଚ୍ଚନା ନିମନ୍ତେ ପ୍ରତ୍ୟୁଷରୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପ୍ରମୁଖ ଶୈବପୀଠରେ ରୀତିନୀତି ଅନୁଯାୟୀ ପୂଜାପାଠ, ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶ୍ରୀବିଗ୍ରହମାନଙ୍କୁ ମକର ଚାଉଳ ଭୋଗ ଲାଗି କରାଯାଇଥିଲା। ଖଣ୍ଡପଡା ସହରର ମା' ବାଉରୀ ଠାକୁରାଣୀ, କଳସପଲ୍ଲୀସ୍ଥିତ ପଞ୍ଚମୁଖି ହନୁମାନ, ୨ନଂ. ୱାର୍ଡର ସଙ୍କଟମୋଚନ ହନୁମାନଙ୍କ ପୀଠରେ ମକରଯାତ୍ରା ଆରମ୍ଭ ହୋଇଛି। ମା' ବାଉରୀ ଠାକୁରାଣୀ ଉନ୍ନୟନ ପରିଷଦର କର୍ମକର୍ତ୍ତାଙ୍କ ସହଯୋଗରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏ ଅବସରରେ ପୌରାଣିକ ନାଟକ ସତୀ ଅନସୂୟା ଓ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

**ବୋଲଗଡ଼,୧୪।୧(ଡି.ଏନ.ଏ.):** ଉତ୍ତରାୟଣ ଗତିର ଆରମ୍ଭ ତଥା ମକର ସଂକ୍ରାନ୍ତି ଅବସରରେ ସୋମବାର ବୋଲଗଡ଼ ବ୍ଲକର ବିଭିନ୍ନ ସ୍ଥାନରେ ମକର ଚାଉଳ ଭୋଗ ବଣ୍ଟନ କରାଯାଇଛି। ବାଙ୍କୋଇସ୍ଥିତ ତାରେଶ୍ୱରଦେବ ଓ ବିଭିନ୍ନ ଦେବଦେବୀ ମନ୍ଦିରରେ ମକର ପୂଜା ଓ ସମସ୍ତଙ୍କୁ ମକର ଭୋଗ ବଣ୍ଟନ ପୂର୍ବକ ଭ୍ରାତୃତ୍ୱ ଭାବ ଏବଂ ପାରସ୍ପରିକ ଶୁଭେଚ୍ଛାର ବାର୍ତ୍ତା ବଣ୍ଟନ କରାଯାଇଥିଲା। ପ୍ରତିବର୍ଷ ଭଳି ବୋଲଗଡଠାରେ 'ନନ୍ଦିଘୋଷ' ଅନୁଷ୍ଠାନ ପକ୍ଷରୁ ମକର ମିଳନ ଆୟୋଜିତ ହୋଇଥିଲା। ଏଥିରେ ବହୁ ସାହିତ୍ୟିକ ଓ କବି ଯୋଗଦେଇ ସ୍ୱରଚିତ କବିତା, ଲେଖା ଓ ଭ୍ରାତୃତ୍ୱର ବାର୍ତ୍ତା ପ୍ରେରଣ କରିଥିଲେ।

**ରଣପୁର,୧୪।୧(ସ୍ୱ.ପ୍ର.):** ରଣପୁର ବ୍ଲକ ଲୋଧାଚୁଆ ପଞ୍ଚାୟତର ଶ୍ୟାମଘନପୁର ଗ୍ରାମରେ ପ୍ରସିଦ୍ଧ ମକର ମେଳା ମକର ସଂକ୍ରାନ୍ତି ସୋମବାରଠାରୁ ଆରମ୍ଭ ହୋଇଛି । ପାହାଡ ଉପରେ ବିଜେ କରିଥିବା ଗ୍ରାମର ପ୍ରସିଦ୍ଧ ଠାକୁରାଣୀ ମା' ତାରିଣୀଙ୍କୁ ପୂଜାର୍ଚ୍ଚନା କରାଯାଇ ଶୋଭାଯାତ୍ରାରେ ନିଆଯାଇଥିଲା। ଏହା ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପୁରପଲ୍ଲୀରେ ଆନନ୍ଦ ଉଲ୍ଲାସର ସହ ଏହି ପର୍ବ ପାଳନ କରାଯାଇଛି । ସକାଳୁ ସକାଳୁ ଲୋକମାନେ ସପରିବାର ବିଭିନ୍ନ ଦେବାଳୟକୁ ଯାଇ ଠାକୁରଙ୍କୁ ଦର୍ଶନ କରିଥିଲେ। ଘରେ ଘରେ ଅରୁଆ ଚାଉଳ, ଚିନି, ଆଖୁ, ଅଦା, ପାଚିଲା କଦଳୀରେ ମିଶ୍ରିତ ମକର ଚାଉଳ ପ୍ରସ୍ତୁତ ହୋଇ ଠାକୁରଙ୍କୁ ଲାଗି ହୋଇଥିଲା। ଏହା ସହିତ ପରିବାରରେ ପରସ୍ପରକୁ ମକର ପ୍ରସାଦ ଖୁଆଇ ପରମ୍ପରାକୁ ଉଜ୍ଜୀବିତ କରାଇଥିଲେ। ଏହି ଅବସରରେ ରଣପୁର ଜଗନ୍ନାଥ ମନ୍ଦିର, ହନୁମାନ ଜୀଉଙ୍କ ମନ୍ଦିରରେ ମକର ମିଳନ ଓ ବଧି ବାଲୁଙ୍କେଶ୍ୱର ମନ୍ଦିରରେ ମକରଯାତ୍ରା ଅନୁଷ୍ଠିତ ହୋଇଥିଲା।

■ ମହର୍ଷି ମହେଶ ଯୋଗୀଙ୍କ ଜନ୍ମ ଶତବାର୍ଷିକୀ ଉଦ୍‌ଯାପିତ

## 'ଦେଶୀ ଗାଈ କ୍ଷୀର ରୋଗନାଶକ'

**ପୁରୀ ଅଫିସ,୧୪।୧**



ସ୍ୱାମୀ ପ୍ରଜ୍ଞାନାନନ୍ଦ ପରମହଂସ ପ୍ରବଚନ ଦେଉଛନ୍ତି।

ଭାରତୀୟ ଦେଶୀ ଗାଈର କ୍ଷୀର ରୋଗ ନାଶକ। ଜର୍ସି ଗାଈର କ୍ଷୀର ରୋଗ କାରକ। ଏହାକୁ ବିଦେଶର ବୈଜ୍ଞାନିକମାନେ ଗବେଷଣା କରି ଜାଣିପାରିଛନ୍ତି। ସେଥିପାଇଁ ବିଦେଶରେ ଏବେ ଭାରତୀୟ ଦେଶୀ ଗାଈ କ୍ଷୀରର ଢେର ଚାହିଦା ରହିଛି। ସାଧାରଣ ଗାଈ କ୍ଷୀର ଦାମ୍ ଯେତିକି ଦେଶୀ ଗାଈ କ୍ଷୀରର ଦାମ୍ ତାହାଠାରୁ ୩ଗୁଣ ଅଧିକ ବୋଲି କହିଛନ୍ତି ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ। ଗୋରୁଆଳ ପଞ୍ଚାୟତସ୍ଥିତ ଗୋବିନ୍ଦ ଗୋଧାମ (ଗୋଶାଳା) ଗୁରୁକୁଳ ପରିସରରେ ତିନିଦିନ ଧରି ଚାଲିଥିବା ମହର୍ଷି ମହେଶ ଯୋଗୀଙ୍କ ଜନ୍ମଶତବାର୍ଷିକୀ ଉତ୍ସବର ସୋମବାର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଜ୍ଞାନାନନ୍ଦ ମହାରାଜ କହିଥିଲେ, ଦେଶୀ ଗାଈର କ୍ଷୀର, ଦହି ଓ ଘିଅ ଅମୃତ। ସେହିପରି ଦେଶୀ ଗାଈର ମୂତ୍ର ଓ ଗୋବର ହେଉଛି ପବିତ୍ର। କେବଳ ପବିତ୍ର ନୁହେଁ ବହୁ ରୋଗର ନାଶକ। ତେଣୁ ପ୍ରତ୍ୟେକ ବ୍ୟକ୍ତି ଘରେ ଦେଶୀ ଗାଈ ପାଳିବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନେବଳ ଦାସ ମଠ ମହନ୍ତ ଡ. ରାମଚରଣ ଦାସ ମହାରାଜ, ସାମାଜିକ କର୍ମୀ ଡ. କିଶନଲାଲ ଭରତିଆ, ପଣ୍ଡିତ ବୈଦ୍ୟନାଥ ଠାକୁର, ଓଡ଼ିଶା ସୁରକ୍ଷା ସେନାର ରାଜ୍ୟ ସଭାପତି ଅଭିଷେକ ଯୋଶୀ, ସେବକ ରଜତ କୁମାର ପ୍ରତିହାରୀ, ପଣ୍ଡିତ ନିତ୍ୟାନନ୍ଦ କର, ପୂର୍ବତନ ଆଇଜି ସାରଙ୍ଗଧର ରାୟଗୁରୁ ପ୍ରମୁଖ ଯୋଗଦେଇଥିଲେ। ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିପିନ ବିହାରୀ ପତି, ସବିତା ପତି, ଲକ୍ଷ୍ମୀପ୍ରିୟା ପଣ୍ଡା, ଦୀପକ ପଣ୍ଡା, ପୀତାମ୍ବର ପଣ୍ଡା, କାର୍ତ୍ତିକ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟ ଫୁଟ୍‌ବଲ: କଟକ ଚାମ୍ପିୟନ

**ନିରାକାରପୁର,୧୪।୧(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ଖେଳପଡିଆଠାରେ ସଖା ସଂଘ କ୍ରୀଡା ସଂସଦ ଆନୁକୂଲ୍ୟରେ ୨୭ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଆୟୋଜିତ ହୋଇଛି। ସୋମବାର ଫାଇନାଲ ମ୍ୟାଚ୍‌ର ଖେଳ ସ୍ପୋର୍ଟ୍ସ ହଷ୍ଟେଲ୍ (କଟକ) ଓ ଧର୍ମଶାଳା ଫୁଟ୍‌ବଲ ଏକାଡେମୀ (ଯାଜପୁର) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ପୋର୍ଟ୍ସ ହଷ୍ଟେଲ୍ ଚାମ୍ପିୟନ ହୋଇଛି । କଟକ ପ୍ରଥମାର୍ଦ୍ଧରେ ଗୋଟିଏ ଗୋଲ ମାରିଥିଲା। ଜବାବରେ ଧର୍ମଶାଳା ଗୋଲ୍ ଦେଇ ନ ପାରି ୦/୧ରେ ପରାସ୍ତ ହୋଇଥିଲା। ମ୍ୟାଚ୍‌ରେ ଶ୍ରେଷ୍ଠ ଗୋଲ୍‌କିପର୍ ଭାବେ ଗଙ୍ଗାଧର ବାସ୍କେ, ସୁଶୀଲ ଲାହରା ଓ ଭଲ ଖେଳାଳି ଭାବେ ପୁରୁଷୋତ୍ତମ ଦାସ, ଫଗୁ ବେହେରାଙ୍କୁ ସୁଶାନ୍ତ କୁମାର ପ୍ରଧାନ, କେଦାରଶ୍ୱର ଜୟସିଂହ ଓ ବାମନ ସ୍ମାରକୀ କପ୍ ପ୍ରଦାନ କରାଯାଇଥିଲା । ଶିବ ଶଙ୍କର ପଣ୍ଡା, ସୁଶାନ୍ତ କୁମାର ମିଶ୍ର, ପ୍ରଦୀପ୍ତ କୁମାର ନାୟକ ଓ ହୃଦାନନ୍ଦ ମହତରାୟ ଖେଳ ପରିଚାଳନା କରିଥିଲେ । ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଜିଲା କଂଗ୍ରେସ କାର୍ଯ୍ୟକାରିଣୀ ସଭାପତି ରାମଚନ୍ଦ୍ର ମହାପାତ୍ର, ରାମେଶ୍ୱର କ୍ରୀଡା ସଂସଦର ଆବାହକ ଇଂ. ବିଶ୍ୱମୋହନ ପଟ୍ଟନାୟକ, ଶୁଭମ୍ ଦାସ, ସଞ୍ଜୟ ପଟ୍ଟନାୟକ, ପ୍ରକାଶ ରଥ, ଭକ୍ତ ତ୍ରିପାଠୀ, ଜିଲା ବିଜେଡି ମହିଳା ସଭାପତି ବାସନ୍ତୀ ମହାପାତ୍ର, ପୂର୍ବତନ ଅବକାରୀ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ପଦ୍ମନାଭ ରାୟ ଓ ଖୋର୍ଦ୍ଧା ବିଧାୟକ ଦିଲୀପ ଶ୍ରୀଚନ୍ଦନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।

■ ମା'କାଳିଜାଈଙ୍କ ପୀଠରେ ମକର ମେଳା

## ୩୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ

**ବାଲୁଗାଁ/କୃଷ୍ଣପ୍ରସାଦ, ୧୪।୧ (ଡି.ଏନ.ଏ.)**


କାଳିଜାଈ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼।

ଚିଲିକାର ଅଧିଷ୍ଠାତ୍ରୀ ଦେବୀ ମା'କାଳିଜାଈଙ୍କ ପୀଠରେ ସୋମବାର ପାରମ୍ପରିକ ମକରମେଳା ଅନୁଷ୍ଠିତ ହୋଇଯାଇଛି । ଏହି ମେଳା ଦେଖିବା ନିମନ୍ତେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୩୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପାରମ୍ପରିକ ରୀତିନୀତି ଅନୁଯାୟୀ ମଧ୍ୟାହ୍ନରେ ଏହି ପର୍ବର ମୁଖ୍ୟ ପୁରୋଧା ତଥା ପାରିକୁଦ ଯୁବରାଜ ସନ୍ତୋଷ କୁମାର ମାନସିଂହ ଏକ ସୁସଜ୍ଜିତ ବୋଇତରେ ପାରିକୁଦ ରାଜପ୍ରାସାଦରୁ ବାହାରି ମା'ଙ୍କ ପୀଠରେ ପହଞ୍ଚିଥିଲେ। ଏହାପରେ ରାଜକୀୟ ପରମ୍ପରାକ୍ରମେ ଢୋଲ, ଭେରି, ତୁରି, ମହୁରି, କାହାଳି ଆଦି ଧ୍ୱନିରେ ତାଙ୍କୁ ମନ୍ଦିର ମଧ୍ୟକୁ ପାଛୋଟି ନିଆଯାଇଥିଲା। ଯୁବରାଜ ମା'ଙ୍କ ପୀଠରେ ଛେରାପହଁରା କରିବା ସହ ପୂଜାର୍ଚ୍ଚନା କରିଥିଲେ। ଏଥିସହ ମକର ଭୋଗ ଲାଗି ହୋଇଥିଲା । ଏହି ଅବସରରେ ଉପସ୍ଥିତ ସହସ୍ରାଧିକ ମତ୍ସ୍ୟଜୀବୀ ମା' କାଳିଜାଈଙ୍କ ଆଶୀର୍ବାଦ କାମନା କରି ନିଜ ନିଜ ଡ଼ଙ୍ଗାରେ ବିଜୟ ବାନା ଉଡ଼ାଇଥିଲେ । ବିପଦ ଆପଦ ବେଳେ ଚିଲିକା ମଧ୍ୟରେ ମା' ଏକମାତ୍ର ସାହାଭରସା ବୋଲି ମତ୍ସ୍ୟଜୀବୀଙ୍କ ମଧ୍ୟରେ ଅଗାଧ ବିଶ୍ୱାସ ରହିଛି।

ସୋମବାର ଭୋରରୁ ମା'ଙ୍କ ପୀଠକୁ ବାଲୁଗାଁ, ବଡ଼କୁଳ, ନଈରୀ, କୃଷ୍ଣପ୍ରସାଦ, ପାରିକୁଦ, ସାତପଡା ଓ ବ୍ରହ୍ମଗିରି ଅଞ୍ଚଳରୁ ଡଙ୍ଗା ସାହାଯ୍ୟରେ ଯାତ୍ରୀଙ୍କ ଆଗମନ ହୋଇଥିଲା । ଯାତାୟାତ ନିମନ୍ତେ ବାଲୁଗାଁ ଚିଲିକା କୂଳରୁ ମା' କାଳିଜାଈ ମୋଟର ବୋଟ୍ ଆସୋସିଏଶନ୍, ବଡ଼କୁଳ ପାନ୍ଥନିବାସ ନିକଟରୁ ସରକାରୀ ଓ ଘରୋଇ ଡ଼ଙ୍ଗା ମାଲିକ ସଂଘ ତରଫରୁ ବହୁ ସଂଖ୍ୟାରେ ଡ଼ଙ୍ଗା ବ୍ୟବସ୍ଥା କରାଯାଇଥିଲା । ଶାନ୍ତିଶୃଙ୍ଖଳା ପାଇଁ ମା'ଙ୍କ ପୀଠରେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ପୋଲିସ ଫୋର୍ସ ନିୟୋଜିତ ହୋଇଥିଲେ। ଏହାସହ କୌଣସି ଅଘଟଣ ଏଡାଇବା ନିମନ୍ତେ ଓଡ୍ରାଫ୍ ଟିମ୍ ଓ ଅଗ୍ନିଶମ କର୍ମଚାରୀ ସଜାଗ ରହିଥିଲେ । ଚିଲିକା ମଧ୍ୟରେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ନ ଘଟେ ସେଥିପାଇଁ ଓଡ୍ରାଫ୍ଟ ଟିମ୍ ଦିନତମାମ ଚିଲିକା ଜଳରାଶିରେ ପଇଁତରା ମାରୁଥିବା ଦେଖାଯାଇଥିଲା। ଏତଦ୍‌ବ୍ୟତୀତ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ଶ୍ରଦ୍ଧାଳୁଙ୍କୁ ପାନୀୟ ଜଳ ଓ ଅନ୍ୟାନ୍ୟ ସେବା ସହାୟତା ଯୋଗାଇ ଦିଆଯାଇଥିଲା।

ସେହିପରି ମା' ମେଘାସୁରୀ ପୀଠ, ମା' ନାରାୟଣୀ, ବାଣପୁର ମାଳ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଈ, ମା' ତାରିଣୀ, ମା' ଡ଼ୋମଣୀ, ଘଣ୍ଟଶିଳା ପାଦ ଦେଶରେ ଅବସ୍ଥାପିତ ମହାବୀରଙ୍କ ପୀଠ, ଐତିହାସିକ ପଲଟଣ ପଡ଼ିଆସ୍ଥିତ ବ୍ରହ୍ମେଶ୍ୱର ଦେବ ପୀଠ ଓ ଗମ୍ଭାରୀମୁଣ୍ଡା ନିକଟ ବାଙ୍କନିଧି ଦେବଙ୍କ ପୀଠରେ ମଧ୍ୟ ମକରମେଳା ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି । ସମସ୍ତ ପୀଠରେ ଶାନ୍ତିଶୃଙ୍ଖଳା ପାଇଁ ବାଲୁଗାଁ ଓ ବାଣପୁର ପୋଲିସ ପକ୍ଷରୁ ବ୍ୟାପକ ଫୋର୍ସ ନିୟୋଜିତ କରାଯାଇଥିଲା । ରାତ୍ରିତମାମ ସମସ୍ତ ପୀଠରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

### ଆର୍ଯ୍ୟ ସମାଜ ପକ୍ଷରୁ ପୂଜ୍ୟପୂଜା ସମ୍ବର୍ଦ୍ଧନା



**ଖଣ୍ଡପଡା,୧୪।୧(ସ୍ୱ.ପ୍ର.)**

ପବିତ୍ର ମକର ସଂକ୍ରାନ୍ତି ଅବସରରେ ସୋମବାର କଣ୍ଟିଲୋ ପଞ୍ଚାୟତ ପାଣ୍ଡୁସାହୁ ପାଟଣା ଆର୍ଯ୍ୟସମାଜ ପକ୍ଷରୁ ପୂଜ୍ୟପୂଜା ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ନାଗରିକ ଧ୍ରୁବ ଚରଣ ସାହୁ(୯୦), ପ୍ରାଣକୃଷ୍ଣ ଦଳେଇ, ସୁଦର୍ଶନ ସାହୁ, ଅର୍ଜୁନ ସାହୁ, ପ୍ରସନ୍ନ କୁମାର ସାହୁ ଓ ଚୈତନ୍ୟ ସାମଲ(୮୨) ପ୍ରମୁଖଙ୍କୁ ଫୁଲଚନ୍ଦନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ନିରଞ୍ଜନ ମହାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ପ୍ରଭାକର ଶିରୋମଣି ମୁଖ୍ୟଅତିଥି ଓ ବନମାଳୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜରେ ଗୁରୁ ଗୁରୁଜନଙ୍କୁ ସମ୍ମାନିତ କରାଯିବା ଏକ ସୁସ୍ଥ ପରମ୍ପରା ସୃଷ୍ଟି କରିବ ବୋଲି ମତ ଦେଇଥିଲେ । ସମ୍ବର୍ଦ୍ଧିତ ବରିଷ୍ଠ ନାଗରିକମାନେ ସେମାନଙ୍କ ଅନୁଭୂତି ସମ୍ପର୍କରେ ଉପସ୍ଥିତ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ ।

### ସ୍ୱର୍ଣ୍ଣପଦକ ଜିତିଲେ ଶ୍ରେୟନ


ଶ୍ରେୟନ

**ଖଣ୍ଡପଡ଼ା,୧୪।୧(ସ୍ୱ.ପ୍ର.)**

ସାଇନ୍ସ ଅଲିମ୍ପିଆଡ ଫାଉଣ୍ଡେଶନ ପକ୍ଷରୁ ଅନୁଷ୍ଠିତ ଅନ୍ତର୍ଜାତୀୟ ଗଣିତ ଅଲିମ୍ପିଆଡରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ପାଇଛନ୍ତି ଶ୍ରେୟନ ପଟ୍ଟନାୟକ। ଖଣ୍ଡପଡା ବିଧାୟକ ଅନୁଭବ ପଟ୍ଟନାୟକ ଓ ଅଧାପିକା ସାଗରିକା ରାୟଙ୍କ ଏକମାତ୍ର ପୁତ୍ର ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ଅରୁଣ ପଟ୍ଟନାୟକ ଓ ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ନାତି ଶ୍ରେୟନ ଭୁବନେଶ୍ୱରସ୍ଥିତ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ୨ୟ ଶ୍ରେଣୀରେ ପଢନ୍ତି। ଏହି ପ୍ରତିଯୋଗିତାରେ ସେ ଅଂଶଗ୍ରହଣ କରି ପଦକ ଜିତି ନିଜ ସ୍କୁଲ ତଥା ଅଞ୍ଚଳ ପାଇଁ ଗର୍ବ ଆଣିଥିବାରୁ ଖଣ୍ଡପଡାରେ ଖୁସିର ଲହରି ଖେଳିଯାଇଛି।

### ଜ୍ଞାନ ଚୌପାଢ଼ି ନିର୍ମାଣ

**ବୋଲଗଡ଼,୧୪।୧(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ଅସରଳାସ୍ଥିତ ଦଧିବାମନ ମନ୍ଦିର ନିକଟରେ ଗ୍ରାମବାସୀଙ୍କ ସହଯୋଗରେ ଏକ ଜ୍ଞାନ ଚୌପାଢି ନିର୍ମାଣ କରାଯାଇଛି। ଗ୍ରାମରେ ବର୍ଷ ସାରା ବିଭିନ୍ନ ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହାକୁ ଦୃଷ୍ଟିରେ ରଖି ଉକ୍ତ ଚୌପାଢ଼ି ନିର୍ମାଣ କରାଯାଇଛି।